# ସ୍ମରଣିକା



ପ୍ରକାଶକ—ନବଯୁଗ ସାହିତ୍ୟ ସଂସଦ, କଟକ

# ପ୍ରଥମରୁ ଦି'ପଦ

ଜଗତ ଚିରଦିନ ପ୍ରତିଭାର ପୂଜା କରି ଆସିଛି—ସ୍ମୃତିର ନିଭୃତ ମନ୍ଦିରରେ ତାର ଉଜ୍ଜ୍ୱଳ ଦୀପ୍ତି ସାଇତି ରଖିଛି । ସେଥିପାଇଁ ଯେତେ ବୀର, ବାଗ୍ମୀ, ସେବକ, ପ୍ରେମିକ, କବି ଓ ଦାର୍ଶନିକ ଜୀବନ-ଲୀଳା ଶେଷ କରି କାଳସ୍ରୋତରେ ଲୀନ ହୋଇଯାଇଛନ୍ତି—ସେମାନେ ମରିଯାଇ ନାହାନ୍ତି—ଅମର ଜୀବନ ନେଇ ଆସନ ପାଇଛନ୍ତି ମାନବ-ଜଗତର ପ୍ରାଣେ ପ୍ରାଣେ—ଅନ୍ତରେ ଅନ୍ତରେ । ଗଗନରେ, ପବନରେ ଭାସି ଉଠୁଛି ସେମାନଙ୍କ ବୀର ବାଣୀର ଝଂକୃତି ।

Music, when soft voices die,
Vibrates in the memory—
Odours, when sweet voilets sicken.
Live within the sense they quicken.

P. B. Shelley

ସେଇପରି ଗୋଟିଏ ବିଶିଷ୍ଟ ପ୍ରତିଭାର ସ୍ମରଣ ପାଇଁ, ସମ୍ବର୍ଦ୍ଧନା ପାଇଁ, ପୂଜା ପାଇଁ ଆମର ଆଜି ଏ ସମ୍ମିଳିତ ଅର୍ଘ୍ୟ । ସେଇ ପ୍ରତିଭାର ପ୍ରତିନିଧି ଉତ୍କଳ-ଭାରତୀ କୁନ୍ତଳାକୁମାରୀ ।

କୁନ୍ତଳାକୁମାରୀ ଡାକ୍ତର ଥିଲେ—କବି ଥିଲେ । **Malady** ଓ **Melody**ର ଗତିଚ୍ଛନ୍ଦରେ ତାଙ୍କର ଜୀବନ-ପ୍ରବାହ ଚାଲିଥିଲା । ଡାକ୍ତର ଭାବରେ ସେ ଶତ ଶତ ରୋଗୀର ଔଷଧ ବ୍ୟବସ୍ଥା କରୁଥିଲେ—ଅସ୍ତ୍ରୋପଚାର କରୁଥିଲେ, ସେମାନଙ୍କର ଜୀବନରେ ସ୍ୱାସ୍ଥ୍ୟ-ଆନନ୍ଦ ଆଣି ଦେଉଥିଲେ । ତାଙ୍କର କବିତାକୁ ମଧ୍ୟ ସେ ସେହିପରି ବ୍ୟବସ୍ଥାରେ ଲଗାଇଥିଲେ । ରୁଗ୍ଣ ଜାତିର ସ୍ୱାସ୍ଥ୍ୟ ପାଇଁ—ଜାଗୃତି ପାଇଁ ସେ ବାଇଥିଲେ ଅଗ୍ନିର ବୀଣା—ସ୍ୱର ଅଜେ ବାଣ୍ଟି ଦେଉଥିଲେ ସ୍ଫୁଲିଙ୍ଗ ! ବିପ୍ଳବ-କବି ଭାବରେ ସେ ଦେଖା ଦେଉଥିଲେ—ମାନ

ସେ ମୁଖ୍ୟତଃ ଥିଲେ ସେବିକା—ନରନାରାୟଣଙ୍କର ସେବା ହିଁ ଥିଲା ତାଙ୍କର ଜୀବନର ପରମ ଲକ୍ଷ୍ୟ—ଚରମ ପରିଣତି ।

ଜଗତରେ କିମ୍ବା ଭାରତରେ ଓଡ଼ିଆର ସ୍ଥାନ କାହାରିକି ଅବିଦିତ ନାହିଁ । ତଥାପି ଓଡ଼ିଆ ନିଶ୍ଚେଷ୍ଟ ବସିଲେ ଚଳେ । ମାତ୍ର କୁନ୍ତଳା ପ୍ରିୟ ଜନ୍ମମାଟି ଓଡ଼ିଶା ଛାଡ଼ି ଜୀବନର କର୍ମକ୍ଷେତ୍ରସ୍ୱରୂପ ବାଛି ନେଇଥିଲେ ମହାନଗରୀ ଦିଲ୍ଲୀ । ତାଙ୍କର ବୃହତ୍ତର ଜୀବନର ବିକାଶ ସେ କରି ପାରିଥିଲେ ସେଇଠାରେ । ଶତ ଶତ ଓଡ଼ିଆ ଆଜି କଲିକତାର ଗଳି ଭିତରେ, ଆସାମର ଚା ବଗିଚାରେ ଉଚ୍ଛିଷ୍ଟ ଭଳି ରାତି ଦିନ ସଢ଼ିଯାଉଛନ୍ତି । ସେ ଜଣେ ନାରୀ—ଦିଲ୍ଲୀରେ ମହା ମାନବିକତାର ଆବର୍ତ୍ତନ ଭିତରେ ଯେଉଁ ଆସନ ପ୍ରତିଷ୍ଠା କରି ପାରିଥିଲେ, ତାହା ଆଜିଯାଏ କୌଣସି ପୁରୁଷଙ୍କ ପକ୍ଷରେ ସମ୍ଭବପର ହୋଇ ନାହିଁ । ତାଙ୍କଯୋଗୁଁ ଆଜି ଦୂର ପ୍ରବାସରେ ମଧ୍ୟ ଆମ ଗର୍ବ ଓ ଗୌରବ ଅକ୍ଷୁଣ୍ଣ ରହିଅଛି ।

ଉତ୍କଳ-ଭାରତୀ କୁନ୍ତଳା ଆମ ଦରିଦ୍ର ଉତ୍କଳକୁ କେତେ ଭଲ ପାଉଥିଲେ ତାହା କହି ହେବ ନାହିଁ । ଦେଶ-ମାତୃକାର ଉନ୍ନତି ପାଇଁ, ମଙ୍ଗଳ ପାଇଁ, ଜାଗୃତି ପାଇଁ ସେ ଗାଉଥିଲେ ବିପ୍ଳବର ଭୈରବୀ; ବରଣ କରି ନେଇଥିଲେ କର୍ମର ସାଧନା; ମାତ୍ର ସେ ସବୁଥିରେ ପୂର୍ଣ୍ଣଚ୍ଛେଦ ଟାଣିଦେଲା ଅକାଳ ମୃତ୍ୟୁ ।

ଆଜି ତାଙ୍କର ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ-ଦିବସ । ଏହି ସ୍ମରଣ-ଲଗ୍ନର ସାର୍ଥକତା ଖାଲି ଶ୍ରଦ୍ଧାଞ୍ଜଳି ଅର୍ପଣରେ ନୁହେଁ—ତାଙ୍କର ପ୍ରେରଣା ସଞ୍ଚୟନରେ । ତାଙ୍କର ସାଧନା ଆମର ହୃଦୟକୁ ଉଦ୍‌ବୁଦ୍ଧ କରୁ—ଉନ୍ନତ କରୁ—ଏଇ ଇଚ୍ଛା ।

ରାଧାମୋହନ ଗଡ଼ନାୟକ
ସମ୍ପାଦକ

# ସୈନିକ-କବି

ନୁହେ ସେ ତ ଖାଲି ନାସ୍ତି, ଖାଲି ମାତା ଅବା ଖାଲି କବି
ଜାତୀୟ ସମରେ ସେ ଯେ ସଇନିକ, ତୋଳିଚ ଭୈରବୀ ।
ଆଗେ ସେ ଧରିଚ ଅସି, ପଛେ ସିନା ଧରିଚ ଲେଖଣୀ
ତେଣୁ ତାର ପ୍ରତିଗାନେ ଥରଉଠେ ଦେଶର ଧମନୀ ।
ମୁକ୍ତିର ନିଶାଣି ତଳେ ହେବା ପାଇଁ ଦେଶବାସୀ ଠୁଳ
ନିଜ ହାତେ ଗଢ଼ିଗଲା ବାଣୀର ସେ ଅଗ୍ନେୟ ଦେଉଳ ।
ସାହିତ୍ୟ ନୁହଇଁ ଖାଲି ସୁକୁମାର ବିଳାସର ଫୁଲ,
ଜାତିକୁ ଦେବ ସେ ମୁକ୍ତି, ତେବେ ଯାଇ ଚରମ ତା ମୂଲ ।
ଜୀବନର ମହାରଣେ ବିପ୍ଳବର ଜୟବେଦୀ ପରେ
ସାହିତ୍ୟର ଅଭିଷେକ—ଏ କଥା ସେ ବୁଝିଥିଲା ଖରେ ।
ପ୍ରଣୟର ଅଦ୍ୟଚିହ୍ନ ରୁଦ୍ରର ଯେ କନକ ଅଙ୍ଗୁରୀ
ଅବହେଳେ ମଣ୍ଡିଥିଲା ତେଣୁ ତାର ଚମ୍ପକ ଅଙ୍ଗୁଳି ।
ହିଅର ଉତ୍ସବେ ସେ ତ ନବବଧୂ, ନିତ୍ୟ ସ୍ୱୟଂବରା
ଅଭିସାର ଭୁଲି ହେଲେ ଅଭିଯାନ ତେଣୁ ରଚିଗଲା !
ଆଜି ସିନା ନାହିଁ ସେହୁ, କ୍ଷିପ୍ର ପଦେ ଯାଇଅଛି ଚାଲି
ସେହି ତାର ଅଭିଜ୍ଞାନ ପଥ ଧାରେ ପଡ଼ିଅଛି ଖାଲି ।

× × ×

ଶିବିରେ ଶିବିରେ ଆଜି ତାହା ଲାଗି ଉଠଇ କ୍ରନ୍ଦନ,
ଏ ଜାତିର ପ୍ରତି ଘରେ ତାର ସ୍ତବ, ବିଜୟ ବନ୍ଦନ ।
ଏ ଦେଶରେ ଏହି ସଂଜେ ପ୍ରତି ମନେ ତାହାର ସ୍ମରଣି,
ପୌଷର ଗୋଧୂଳି ସମ ଜାଗେ ଫେଇ ଅକାଶ ତୋରଣି ।
କାହିଁ ଗଲା ସେ ସୈନିକ-କବି ?
ବୁକୁର ଶୋଣିତେ ଯେହୁ ଫୁଟାଇଲା ମୁକ୍ତିର କରବୀ !!

— ସଚ୍ଚିଦାନନ୍ଦ ରାଉତରାୟ

# ସ୍ମରଣିକା

## କୁନ୍ତଳା-ସ୍ମୃତି

ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ, ବି. ଏ.

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କୁନ୍ତଳାକୁମାରୀ ଯଦି କିଛି ଦାନ କରିଯାଇଅଛନ୍ତି ବୋଲି କୁହାଯାଏ, ତେବେ ତାହାର ପ୍ରତିଦାନ ତାଙ୍କୁ ଆମେ ଦେଲୁ କଅଣ ? ଅବଶ୍ୟ ଓଡ଼ିଆରେ ଯେଉଁମାନେ ସାହିତ୍ୟିକରୂପେ ପରିଚିତ, ପାଠ୍ୟପୁସ୍ତକ ବ୍ୟତୀତ ସମସ୍ତଙ୍କୁ ଅଳ୍ପ ବହୁତ ଦାନ ହିଁ କରିବାକୁ ହୋଇଥାଏ । କୁନ୍ତଳାକୁମାରୀ କିନ୍ତୁ କେବଳ ଜୀବିତାବସ୍ଥାରେ ନୁହେ, ମୃତ୍ୟୁ ପରେ ମଧ୍ୟ ନିଜେ ନିଜର ସ୍ମୃତିରକ୍ଷା ପାଇଁ ଏହି ଦାନର ନିଦର୍ଶନ ରଖିଯାଇ ଅଛନ୍ତି । ଏ କଥାର ସିଦ୍ଧାନ୍ତ ମିଳେ, ତାହାଙ୍କର ମୃତ୍ୟୁ-ବାର୍ଷିକୀ ଉତ୍ସବ ପାଳନ ଉପଲକ୍ଷ୍ୟରେ ନିଜ ଗ୍ରନ୍ଥଗୁଡ଼ିକ ଅର୍ଦ୍ଧମୂଲ୍ୟରେ ବିତରଣ କରାଯିବାର ବିଜ୍ଞାପନରେ ! !

ନାମ ଅନୁସାରେ କବି ଏବଂ କବିରାଜମାନେ ବୋଧ ହୁଏ ଏକ ଗୋଷ୍ଠୀର ପ୍ରାଣୀ । ପୂର୍ବକାଳର କବିରାଜମାନେ ଔଷଧ ବାଣ୍ଟିଲ ପରି ଅଧୁନାତନ କବିମାନେ ମଧ୍ୟ ନିଜ ପ୍ରଣୀତ ଗ୍ରନ୍ଥର କେତେକ ପ୍ରଥମେ ବିନାମୂଲ୍ୟରେ ବିତରଣ କରିଥାନ୍ତି । କିନ୍ତୁ କୌଣସି କବିରାଜ ନିଜ ପ୍ରସ୍ତୁତ ସମସ୍ତ ଔଷଧକୁ କେବେ ହେଲେ ଅର୍ଦ୍ଧମୂଲ୍ୟରେ ବାଣ୍ଟିବାର ଶୁଣା ନାହିଁ; ଅଥଚ କୁନ୍ତଳାଙ୍କ ପରି ପ୍ରତିଭାଶାଳିନୀ ନାରୀ-କବି ଆଜିଯାକେ ଓଡ଼ିଶାରେ ଜନ୍ମିଥିବାର ଦ୍ୱିତୀୟ ଉଦାହରଣ ଖୋଜିବା ପାଇଁ ବିଶୁଦ୍ଧତମ ଓଡ଼ିଆ ଭକ୍ତଙ୍କ ମୁଣ୍ଡ ମଧ୍ୟ ବୁଲିଯିବ । ଯାହାହେଉ, ଏହି ଘଟଣାରୁହିଁ ନାରୀ-ପ୍ରତିଭା ପ୍ରତି, ସାହିତ୍ୟ ପ୍ରତି ଓ

କୁନ୍ତଲାଙ୍କର ଦାନ ପ୍ରତି ଓଡ଼ିଶା ଦେଶରେ ସମ୍ମାନ ଓ ପ୍ରତିଦାନର ପ୍ରମାଣ ସୁସ୍ପଷ୍ଟ ।

ଜୀବନର ଅଧିକାଂଶ ସମୟ ବିଦେଶରେ ରହି, ପୃଥକ୍ ଧର୍ମ-ଗୋଷ୍ଠୀରେ ଜନ୍ମି ଏବଂ ବିଦେଶୀ ଭାଷାରେ ଶିକ୍ଷାଲାଭ କରି ମଧ୍ୟ କୁନ୍ତଳା ଓଡ଼ିଶା ପାଇଁ ଏହାର ନଦୀନାଳ, ଗ୍ରାମପ୍ରାନ୍ତର, ଦେବ-ଦେବୀ, ଧନୀ ଦରିଦ୍ର ଓ ସୁଖଦୁଃଖ ପାଇଁ ଯେତେ ପ୍ରାଣ ଓ ଯେତେ ଆବେଗ ଢାଳିଦେଇଥିଲେ, ତାହାକୁ ଓଜନ କଲେ ତାଙ୍କଠାରୁ ଅଧିକ ଓଡ଼ିଆ ହୋଇ ଆଜି କେଉଁ ପୁଅ ବା କେଉଁ ଝିଅ ଏ ଦେଶରୁ ମିଳିବେ ? ସେହି କୁନ୍ତଳାଙ୍କ ସ୍ମୃତିରକ୍ଷା ଆମ୍ଭେ କରୁଅଛୁଁ ତାଙ୍କର ପ୍ରଣୀତ ଗ୍ରନ୍ଥଗୁଡ଼ିକୁ ଅର୍ଦ୍ଧମୂଲ୍ୟରେ କ୍ରୟ କରି । ପୁଣି ଏହି କାରବାରଦ୍ୱାରା କେତେ ଖଣ୍ଡ ବହି କଟିବ, ତାହା ତ କାହାରିକୁ ଗୋଚର ନାହିଁ । ତେବେ ଓଡ଼ିଆ ପ୍ରୀତି ଏବଂ ଓଡ଼ିଆ ଉପାସନାର ଏହା ଅବଶ୍ୟ ଅଦ୍ଭୁତ ଏକ ନିଦର୍ଶନ ! ଏପରି ଘଟଣାରୁ ବାଟ ଅବାଟରେ ବୁଲୁଥିବା କୌଣସି କୁକୁର ମଧ୍ୟ ନିଜକୁ ଓଡ଼ିଆ ବୋଲି ଗର୍ବରେ ଲାଙ୍ଗୁଡ ଟେକି ଦେଇଁବ ଭଲ ?

ପୃଥିବୀରେ ଯେତେ ଗ୍ରନ୍ଥ ପ୍ରଣୀତ ହୁଏ, ସେଗୁଡ଼ିକୁ ସବୁଠାରୁ ବେଶି ବ୍ୟବହାର କରେ ମନୁଷ୍ୟ, ନୋହିଲେ ଉଇ । କୁନ୍ତଳାଙ୍କର ଗ୍ରନ୍ଥଗୁଡ଼ିକୁ ଓଡ଼ିଶା ଦେଶର ଏ ଧରଣ ମନୁଷ୍ୟଙ୍କ ଭିତରେ ଅଧା ଦାମରେ ଖଇରାତ ନ କରି ବରଂ ବିନା ମୂଲ୍ୟରେ ଶେଷୋକ୍ତ ଜୀବ ମୁହଁରେ ମେଲିଦେବାଦ୍ୱାରା ଆମର ପରମ୍ପରାଗତ "ଜୀବେ ଦୟା"ର ଅନୁଶୀଳନ କରିବା ଠିକ୍ ନୁହେଁ କି ? ତେବେ ଅବା ଆମ ମୁଣ୍ଡରେ ପଶନ୍ତା ଯେ, ଉଇ ଏବଂ ତଥାକଥିତ ଓଡ଼ିଆଙ୍କ ଭିତରେ ଫରକ କେତେ !

କଟକ, ୧୮ । ୮ । ୪୦

# କୁନ୍ତଳାର ପୂଜା

ଶ୍ରୀ ଜାହ୍ନବୀ ଦେବୀ

କାଳର ସ୍ରୋତ ଫେରେ ନାହିଁ, ଫେରିବ ନାହିଁ ମଧ୍ୟ । ଏହି କରାଳ କାଳ ଆମ୍ଭମାନଙ୍କଠାରୁ ଯେଉଁ ପ୍ରିୟ ,ଏବଂ ଅମୂଲ୍ୟ ବସ୍ତୁ ନେଇଯାଏ, ତାହା କଣ ସତେ ଲୁହ ଢାଳିଲେ ବା ସ୍ମୃତିପୂଜା ଉପଲକ୍ଷ୍ୟରେ କବିତା ଲେଖିଲେ ଫେରି ଆସିବ ? ତଥାପି ଅବୁଝା ମନକୁ ସାନ୍ତ୍ୱନା ଦେବା ପାଇଁ ମଣିଷ ତାର ପ୍ରିୟ ଏବଂ ଶ୍ରେୟ ବସ୍ତୁର ସ୍ମୃତି ଅମର କରି ରଖିବାକୁ ଚାହେଁ । ଦୁଃଖରେ ଅଭିଭୂତ ହୋଇ ସେ ନିଜର ପ୍ରିୟଜନ ବିଷୟରେ ପଦେ ଅଧେ ଲେଖେ । ଆଉ କାହା ପାଖରେ ତା ଲେଖାର ମହତ୍ତ୍ୱ ହୁଏ ତ ଫୁଟି ନ ପାରେ; କିନ୍ତୁ ସେହି ପଦକ ତାର ହୃଦୟର ସମସ୍ତ ଆବେଗ, ସ୍ନେହ ଏବଂ ଭକ୍ତିର ଆଭାସ ଦିଏ ।

କୁନ୍ତଳା ସାଙ୍ଗରେ ମୋର ଅନେକ ଦିନରୁ ଚିହ୍ନା । ସେ ମୋତେ ତାର ବଡ ଭଉଣୀଟି ପରି ମାନୁଥିଲା । ମୁଁ ବୟସରେ ବଡ଼; କିନ୍ତୁ ତାର ମହତ୍ ଗୁଣ ପାଖରେ ମୋ ମୁଣ୍ଡ ନଇଁଯାଏ । ସେ ଥିଲା ଜଣେ ଲେଡି ଡାକ୍ତର । ଶତ ଶତ ରୋଗୀଙ୍କର ସେ ସେବା କରିଛି । ହିନ୍ଦୁ ଘରର କୁଳ-କାମିନୀ ଏବଂ ସ୍ନେହବତ୍ସଳା ଜନନୀ ସେ । ଆହୁରି ମଧ୍ୟ ସେ ଜଣେ ଉଚ୍ଚ ଦରର କବି । କୁନ୍ତଳାକୁମାରୀ ଉତ୍କଳ-ସାହିତ୍ୟ ଭଣ୍ଡାରକୁ ଯେଉଁ ଅମୂଲ୍ୟ ରତ୍ନ ପ୍ରଦାନ କରିଛି, ତାହା ସାହିତ୍ୟସେବୀ-ମାନେ ଉପଲବ୍ଧି କରି ପାରିବେ । ମୁଁ ବା ସେ ବିଷୟରେ କଣ କହିପାରେ ? ଅନ୍ତତଃ ମୋର ସେତେ ଶକ୍ତି ନାହିଁ । ଯେଉଁମାନଙ୍କର ସେ ଶକ୍ତି ଅଛି, ସେମାନଙ୍କଠାରେ ମୋର ଏକାନ୍ତ ଅନୁରୋଧ, ସେମାନେ

ଯେପରି କୁନ୍ତଳାର ସ୍ମୃତି ନିଜ ନିଜ ମହତ୍ ଲେଖଣୀ ମୁନରେ ଜୀବନ୍ତ ଭାଷାରେ ଅମର କରି ରଖନ୍ତି । ମୁଁ କିନ୍ତୁ ମୋର ସାମାନ୍ୟ ଶକ୍ତି ଅନୁଯାୟୀ ଦିନକର ଘଟଣା ନ କହି ରହି ପାରୁ ନାହିଁ । ସେ ଦିନକର ଘଟଣାରେ ତାର ଭାବ-ଗଭୀରତା ବା ଆନ୍ତରିକତା କିଣି ଥିଲି, ସେ ଜାଣେ ।

ମୁଁ ସେଥର ଦିଲ୍ଲୀ ଯାଇଥାଏ । କୁନ୍ତଳା ଘରକୁ ଗଲି । ମୋତେ ଦେଖିଲାମାତ୍ରେ ମହା ଆନନ୍ଦରେ ତାର ଉପର ଘରକୁ ନେଇଗଲା ଏବଂ କହିଲା, "ଜାନ ଅପା, ଆସିଛ ଆଜି ମୋର ବଡ ସୌଭାଗ୍ୟ ।" ହେଲେ ଏସବୁ ହେଲା ସାଧାରଣ ଭଦ୍ରତା ଭିତରେ । କିନ୍ତୁ ତା ଭିତରେ ଯେ ଏତେ ଗଭୀର ଭାବମୟୀର ଚିତ୍ର ଅଛି, ସେକଥା ମୁଁ ଆଗରୁ ବୁଝିବି କିପରି ? ପ୍ରତ୍ୟେକ ଲୋକ ନିଜର ଛାୟା ନିଜେଇ ଦେଖୁଥାଏ । ମୋ ଭିତରେ ତ ଏତେ ବଡ଼ ଚିତ୍ର ନାହିଁ, ମୁଁ ବା କାହାଁକି ଅନୁମାନ କରନ୍ତି ?

ସେ ମୋତେ ଏକାବେଳକେ ତାର ପୂଜା ଘରକୁ ନେଇ-ଗଲା । ମନେ ହେଲା, ଯେପରି ପୂଜା ଘରଟି ନୂତନ ଭାବରେ ସଜ୍ଜିତ । ଦେଖିଲି ଅନେକ ଦେବଦେବୀ, ମହାପୁରୁଷଙ୍କ ମୂର୍ତ୍ତି ସେ ରଖିଛି । ମୋତେ ଗୋଟି ଗୋଟି କରି ଚିହ୍ନାଇଦେଲା । ମୁଁ ଖାଲି ଭାବୁଥାଏଁ, ବର୍ତ୍ତମାନ ମଧ୍ୟ ଭାବୁଛି, ଜଣେ ମଣିଷ ଏତେ କାଥା କିମିତି କରିପାରେ ?

ତା ପରେ ଆମ୍ଭମାନଙ୍କୁ ଯଥାସ୍ଥାନରେ ବସାଇ କହିଲା, "ଜାନ ଅପା, ତମେ ଆସିଛ, ଆଜି ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଫଟୋ ମୋ ଘରେ ପୂଜା-ପୀଠରେ ପ୍ରତିଷ୍ଠା କରିବି । ବସ, ତମରି ହାତରେ ବସେଇ ଦେଇଯିବ ।" ଦେଖିଲି ତା ଘରର ପ୍ରତ୍ୟେକ ଲୋକ ଗାଧୋଇ-ବାଧୋଇ ସହିତ ନୂଆ ଲୁଗା ପିନ୍ଧି ଆସିଲେ । ଫୁଲମାଳ, ଚନ୍ଦନ,

ନୂଆଲୁଗା ଇତ୍ୟାଦି ଉପକରଣରେ ସେ ଫଟୋଟିକୁ ସଜ୍ଜିତ କରି ମୋ ହାତରେ ଦେଲା, କେବଳ ସିଂହାସନରେ ଫଟୋଟିକୁ ଉପସ୍ଥାପନ କରିବା ପାଇଁ । ଓଃ, ସେ ମୁହୂର୍ତ୍ତ ମନେ ପଡ଼ିଲେ ମନରେ ପୁଲକ ଜାତ ହୁଏ । ସବୁପ୍ରକାର ଉପଚାରରେ ଯଥାବିଧି ସେ ପୂଜା କଲା । ସେଦିନ ରାତିରେ ତା ଘରେ ପ୍ରସାଦ ସେବା କରିବାକୁ ହେଲା । ଆମ୍ଭମାନଙ୍କ ମଧ୍ୟରେ ମୋର ପୂଜନୀୟା ବଡ ଭଉଣୀ ଥିଲେ । ସେ କହିଲେ,"ଏ ଖ୍ରୀଷ୍ଟିୟାନ ଘର ଝିଅ ହୋଇ ଏତେରକମ କିମିତି ଜାଣିଲା ?"

ଏହିପରି ଅନେକ ସ୍ଥଳରେ ମୁଁ ତାର ମହତ୍ ହୃଦୟର ପରିଚୟ ପାଇଛି । ସେହି ମୋର ତା ସାଙ୍ଗରେ ଶେଷ ଦେଖା ।

୧୨ । ୮ । ୪୦

# କବି-ସ୍ମାରକୀ

ଶ୍ରୀ ସରଳା ଦେବୀ ଏମ . ଏଲ . ଏ.

ବିଟରଣୀ ! ଅତୀତର କେଉଁ ବିସ୍ମରଣୀ ତୀରରେ, କେଉଁ ଅଚିହ୍ନା ଭୂଇଁରେ, ତମର ସମାଧି ହେଲା । ଦୂର ପ୍ରବାସିନୀ ଥାଇ ଉତ୍କଳ କଥା ଯେ ଜପ କରୁଥିଲେ, ଉତ୍କଳର ଗୃହପ୍ରାଙ୍ଗଣ, ଉତ୍କଳର ଶୋଭାମୟୀ ପ୍ରକୃତି, ଉତ୍କଳର ପୂର୍ବଗରିମା, ଉତ୍କଳର ଗୀତିନୀତି, ଆସ୍ତରପଣ୍ଡିତ, ଧର୍ମସଂସ୍କୃତି ଏବଂ ତାର ସମ୍ଭାବନାମୟ ମହତ୍ତର ଭବିଷ୍ୟତ୍ କଥା, ତାର ବର୍ତ୍ତମାନର ଦୁର୍ବିଷହ ବେଦନା ଲଞ୍ଛନା ଭିତରେ ଯାହାଙ୍କର ଚିତ୍ତ ନିରନ୍ତର ଆଲୋଡ଼ନ କରୁଥିଲା, କାବ୍ୟ-କଳାରେ ଯେ ଜାତିର ମୂଲ୍ୟ, ଜାତିର ଠେକ ଅଧିକତର ଭାବରେ ବଢ଼ାଇଦେଇ ଯାଇଛନ୍ତି, ତାଙ୍କୁ ଆଜି ସ୍ମରଣ କରୁଛି । ଜୀବନର ଉଷାକାଳରେ ଯେଉଁ ବନ୍ଧ୍ୟା ନାରୀ ମୋର ମାନସ-ସରସୀରେ ଶତଦଳ ହୋଇ ଫୁଟିଉଠିଥିଲେ, ଆଜି ସେ ନାହାନ୍ତି । ତାଙ୍କର ବିଚ୍ଛେଦ ମୋ ଜୀବନରେ ଏକ ଅଭିନବ ବେଦନା, ଏକ ଅସରନ୍ତି ଅଶ୍ରୁଭଣ୍ଡାର ହୃଦୟର ଅନ୍ତର୍ଲୀନ ଦେଶରେ ସାଇତି ରଖିଛି । ଯେତେବେଳେ ତାଙ୍କର ମୋର ପ୍ରଥମ ସାକ୍ଷାତ୍ ହୋଇଥିଲା, ସେତେବେଳେ ଆମେ ଦୁଇଜଣ ବିଭିନ୍ନ ପଥ, ବିଭିନ୍ନ ଆଦର୍ଶର ପଥିକ । ସେ କଟକରେ ଯଶସ୍ୱିନୀ ଡାକ୍ତରାଣୀ, ସାହିତ୍ୟ-ରାଜ୍ୟରେ ଉଦୀୟମାନା ଲେଖିକା, କବିତା-କୁଞ୍ଜର ତରୁଣୀ ବିହଙ୍ଗୀ । ମୁଁ କଥା-ସାହିତ୍ୟର ନବଶିକ୍ଷା, **(Probationer)** । ଡାକ୍ତରୀ କରି ଅର୍ଥାଗମ କରିବା ଥିଲା, ତାଙ୍କର ଲକ୍ଷ୍ୟ । ମୋର ଲକ୍ଷ୍ୟ ଥିଲା, ଦେଶ-ମାତୃକାର ଆହ୍ୱାନରେ ପ୍ରତିଧ୍ୱନି କରିବା ଓ ଜାତୀୟ ପ୍ରେରଣାରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା । ଚିନ୍ତା ଓ କର୍ମର ଯୁଗ୍ମମିଲନ କେବେହେଁ ଦିନେ କଳ୍ପନା କରି ନ ଥିଲି । ଏହି ମହୀୟସୀ ନାରୀଙ୍କ ଭିତରେ ଭସ୍ମାଚ୍ଛାଦିତ ବହ୍ନି ପ୍ରଚ୍ଛନ୍ନ ହୋଇ ରହିଛି, ଦିନେ ଏହା ଉତ୍କଳକୁ ପାବନ କରିବ—

ଜଡ଼ ପ୍ରାଣୀକୁ ଚେତନା ଦେବ, ତରୁଣ ମନକୁ ଦୀପ୍ତ କରିବ ଓ ସମସ୍ତ ଦେଶ ସମ୍ମୁଖରେ କର୍ତ୍ତବ୍ୟ ଓ ଶାନ୍ତିର ସମନ୍ୱୟ କରି ଆଦର୍ଶ ପଥ ରଚନା କରିବ । କେତେ ଥର ଅନୁଭବ କରିଛି, ଏହାଙ୍କ ଭିତରେ ଯେଉଁ ରଚନା-କୁଶଳୀ ଶିଳ୍ପୀ ବସିଛି, ତାହା ସହିତ ଏହାଙ୍କର ବାସ୍ତବ ଜୀବନର ମିଳନ ନାହିଁ । ତାଙ୍କ ଭିତର ଓ ବାହାର ସମ୍ପୂର୍ଣ୍ଣ ପରସ୍ପର-ପରିପନ୍ଥୀ । କିନ୍ତୁ ଯେଉଁଦିନ କରାଚି କଂଗ୍ରେସରୁ ଫେରି ପ୍ରଥମେ ତାଙ୍କ ଗୃହରେ ଅତିଥି ହୋଇଥିଲି , ସେହିଦିନ ମୋର ଚକ୍ଷୁରୁ ପରଦା ଖସିଯାଇଥିଲା । ଯାହାଙ୍କୁ ଜୀବନର ପ୍ରଥମ ଉଷାକାଳରେ ଦେଖି ଭାବିଥିଲି, ଆମେ ଦୁହେଁ ବିଭିନ୍ନ ପଥର ପଥିକ ବୋଲି, ଯାହାଙ୍କର ବେଶ-ଭୂଷାର ପାରିପାଟ୍ୟ ମୋର ମନରେ ଗଭୀର ବିତୃଷ୍ଣା ଓ ଅଶ୍ରଦ୍ଧାର ଭାବ ସୃଷ୍ଟି କରିଥିଲା, ତାହାଙ୍କୁ ଯେତେ-ବେଳେ ରୁକ୍ଷ, ଶୁଭ୍ର, ଖଦଡ଼ ବସ୍ତ୍ର ଓ ବିରଳ ଭୂଷଣରେ ପ୍ରଥମେ ଦେଖିଲି, ସେତେବେଳେ ନିଜର ଚକ୍ଷୁକୁ ବିଶ୍ୱାସ କରି ପାରିଲି ନାହିଁ , ଏହା କିପରି ସମ୍ଭବପର ହେଲା ? ସେହିଦିନୁ, ସେହି ମୁହୂର୍ତ୍ତରୁ ବୁଝିଥିଲି ଏହି ନାରୀ ସାମାନ୍ୟ ଡାକ୍ତରଣୀ ନୁହନ୍ତି । ଏହି ନାରୀ ବିଳାସ-ବ୍ୟସନ, ଅର୍ଥ-ପ୍ରଲୋଭନ, ସୁଖସ୍ୱାଚ୍ଛନ୍ଦ୍ୟକୁ ଏକମାତ୍ର କାମ-ନାର ବସ୍ତୁ ବୋଲି ଡାକ୍ତରୀ ବ୍ୟବସାୟକୁ ବରଣ କରି ନାହାନ୍ତି । ଜୀବନ ତାଙ୍କର ପ୍ରଗତିମୁଖୀ ଚଳମାନ ସ୍ରୋତ ଭଳି । ସେହି ଜୀବନ ସମସ୍ତ ବାଧା, ବିଘ୍ନ, ଦୁଃଖ, ବିପଦ କାଟି କାଟି ବହି ଚାଲିଥିଲା ଗୋଟିଏ ବିଶିଷ୍ଟ ଲକ୍ଷ୍ୟ, ଗୋଟିଏ ତୁଙ୍ଗ ଅଭ୍ରଭେଦୀ ଆଦର୍ଶର ଅଭିମୁଖରେ ! ଗୃହିଣୀ ରୂପରେ ଖାଲି ତାଙ୍କର ପରିଚିତ ବନ୍ଧୁ-ବାନ୍ଧବ ନୁହେଁ, ତାଙ୍କ ନିକଟକୁ ଯେଉଁ ଓଡ଼ିଆ ଭାଇ ଯାଉଥିଲେ ସେ ତାଙ୍କୁ ଶ୍ରଦ୍ଧା କରୁଥିଲେ, ତାହା ମୁଁ ଦେଖିଛି । ଓଡ଼ିଶାର ନାରୀ-ମାନଙ୍କର ଦୁଃଖଦୁର୍ଦ୍ଦଶା, କୁସଂସ୍କାର, ଲାଞ୍ଛନା, ମୂର୍ଖତା ଓ ଅବଜ୍ଞା

ଜୀବନ ବିଷୟରେ, ଓଡ଼ିଆ ସମାଜର ଅଧୋଗତି ବିଷୟରେ ମୋ ସହିତ ଚର୍ଚ୍ଚା କରିଛନ୍ତି । ଘଣ୍ଟା ପର ଘଣ୍ଟା ବିତି ଯାଇଛି, ଦିନ ସରି-ଯାଇଛି, ବିରାମ ହୋଇ ନାହିଁ । କୌଣସି ଓଡ଼ିଆ ଝିଅ ଗ୍ରାଜୁଏଟ ହୋଇଛି, ବୃତ୍ତି ପାଇଛି, ସାହିତ୍ୟ ଚର୍ଚ୍ଚା କରୁଛି, ଦେଶ-ସେବା କରୁଛି-କଂଗ୍ରେସ କଥା ପ୍ରଚାର କରୁଛି, ଜେଲ୍ ଯାଉଛି ଶୁଣିଲେ କବି କୁନ୍ତଳାକୁମାରୀଙ୍କର ମୁଖମଣ୍ଡଳରେ ଆନନ୍ଦର ଜ୍ୟୋତି ଉଦ୍ଭାସିତ ହୋଇ ଉଠୁଥିଲା । ଓଡ଼ିଶାର ସମ୍ମାନ, ଓଡ଼ିଶାର ପ୍ରାଦେଶିକ ସ୍ୱତନ୍ତ୍ରତା, ଓଡ଼ିଶାର ନୂଆ ଶାସନ, ଲୋକପ୍ରତିନିଧିମୂଳକ ମନ୍ତ୍ରିମଣ୍ଡଳ ପ୍ରତିଷ୍ଠା ଇତ୍ୟାଦି ସମ୍ବନ୍ଧରେ ଆଲୋଚନା କଲେ ତାଙ୍କର ଆନନ୍ଦ ଉଚ୍ଛୁଳି ଉଠୁଥିଲା । ଦୂର ଭବିଷ୍ୟତ କାଳରେ ଓଡ଼ିଶାର ସମୂହ ଉନ୍ନତି, ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ଜାତିର ସଂସ୍କାର ହେବ ବୋଲି ତାଙ୍କ ମନରେ ଦୃଢ଼ ବିଶ୍ୱାସ ଥିଲା । ସେ କହୁଥିଲେ, "ସରଳା ! ସତେ ମୁଁ ବୁଝିପାରେ ନାହିଁ ଆମ ନେତାମାନେ, ଆମ ଦେଶର ଯୁବକ-ମାନେ ଏତେ କ୍ଷୁଦ୍ର ପରିସର ଭିତରେ, କ୍ଷୁଦ୍ର ଚିନ୍ତାଧାରା ଭିତରେ, ବିଶେଷ ଗୋଟାଏ ସଂକୀର୍ଣ୍ଣ ଗଣ୍ଡି ମଧ୍ୟରେ ରହି କିପରି ସୁଖ ପାଆନ୍ତି ? ଯେଉଁମାନେ ଦେଶ-ସେବା କରୁଛନ୍ତି, ସେମାନେ ସେହି ସୁବର୍ଣ୍ଣରେଖା ଏ ପାରିରେ; ଯେଉଁମାନେ ଲେଖୁଛନ୍ତି, ସେମାନେ ସେହି 'ଉତ୍କଳସାହିତ୍ୟ', 'ସହକାର'ରେ; ଯେଉଁମାନେ ସଙ୍ଗୀତ ଚର୍ଚ୍ଚା କରୁଛନ୍ତି, ସେମାନେ କେବଳ ସେହି କଟକର ସଙ୍ଗୀତ ସମାଜ Competition ରେ, ଯେଉଁମାନେ ଛବି ଆଙ୍କୁଛନ୍ତି, ସେମା-ନଙ୍କର କାରିଗରୀ ରହିଲା ସେହି କଟକ ପୁରୀରେ ଆବଦ୍ଧ । ଯେଉଁ-ମାନେ କଂଗ୍ରେସ କାର୍ଯ୍ୟକାରୀ ସମିତିରେ ସେଠୁ ଯୋଗ ଦେବାକୁ ଆସନ୍ତି, ସେମାନେ ଓଡ଼ିଶା ଦେଶରୁ ଆସିଛନ୍ତି, ସେଟିକା ମେମ୍ବର ବୋଲି ବାହାରକୁ ଅଜଣା । ଚିହ୍ନିବା କ୍ଷମତା ଏ ଯାବତ୍ ଲୋକଙ୍କ

ଭିତରେ ତ ଆସି ନାହିଁ ! ମୁଁ ନୀରବ ରହିଲି । ତାଙ୍କର ଅଭିଳାଷ ପୂର୍ଣ୍ଣ କରି ପାରିଛି କି ନା ଜାଣେ ନାହିଁ; କିନ୍ତୁ ତାଙ୍କୁ ବିଶେଷ କରି ଜାଣିଲି । ବାସ୍ତବିକ ସ୍ୱଦେଶ-ବତ୍ସଳତା, ସ୍ୱଦେଶୀକତା, ଜାତୀୟ ଅଭିମାନ ବୋଲି ଯାହାକୁ ଆମ୍ଭେମାନେ କେବଳ ସାହିତ୍ୟରେ ପଢ଼ୁ ବା ତାହାର Definition ବୁଝୁ, ସତ୍ୟରେ ସେ ସେହି ଶବ୍ଦଗୁଡ଼ିକର ଜୀବନ୍ତମୂର୍ତ୍ତିରୂପିଣୀ ହୋଇ ବିରାଜିତା ଥିଲେ .! ତାଙ୍କର ଜୀବନ ତାଙ୍କ କବିତା ଛନ୍ଦରେ ଫୁଟିଅଛି । ଜୀବନରେ କେବଳ ଦ୍ୱନ୍ଦ୍ୱ, ବେଦନା, ଅସହ୍ୟ ଗ୍ଲାନି ଓ ଅଶାନ୍ତି ଅସନ୍ତୋଷ ଭିତରେ ତାଙ୍କର ଦିନଗୁଡ଼ିକ ବିତିଛି । ନିଜର ଅସହାୟ ଜୀବନର ପୁଞ୍ଜୀଭୂତ ବେଦନାର ଭାର ସେ ଶ୍ରୀ ଭଗବାନଙ୍କ ଚରଣରେ ନିବେଦନ କରିଛନ୍ତି । ତାଙ୍କର ହିନ୍ଦିଭାଷା ବଡ଼ ପ୍ରିୟ ଥିଲା । ସେହି ଭାଷାରେ ଜୀବନର ଅଧିକାଂଶ ସମୟ କଥା କହିବାର ସୁଯୋଗ ତାଙ୍କର ଥିଲା ବୋଲି ତାଙ୍କର ବ୍ୟଥାତୁର ଭାବ ମଧ୍ୟ ସେହି ଭାଷାରେ ଅତ୍ୟନ୍ତ କାନ୍ତଛନ୍ଦରେ ଝଙ୍କୃତ ହୋଇଛି । ଜୀବନର ·ଶେଷଭାଗରେ ସେ ଯେପରି ରହସ୍ୟବାଦୀ ହୋଇ ପଡ଼ି-ଛନ୍ତି । ଏହାହିଁ ତାଙ୍କର ବରମାଳା ନାମକ ହିନ୍ଦି କବିତା ବହିରୁ ଜଣାଯାଏ । ନିଜ ଜୀବନରେ ସେ ଦୁଃଖବାଦୀ ବା Pessimistic କବି ଥିଲେ । ନିଜର ଭାଗ୍ୟର ପରିହାସ ସେ ସହ୍ୟ କରିଅଛନ୍ତି ଏବଂ ମର୍ମବ୍ୟଥାର ସାଥି ନ ପାଇ ଭଗବତ୍-ଚରଣରେ ନିଜକୁ ନିବେ-ଦନ କରି ଶାନ୍ତି ପାଇବେ ବୋଲି ଖୋଜିଥିଲେ । ମୃତ୍ୟୁକାଳର ସାଥି ବୋଲି ସେ ଯାହାଙ୍କ ଉପରେ ନିର୍ଭର କରିଛନ୍ତି, ସେହି ତାଙ୍କର ପ୍ରାଣପ୍ରିୟ, ସେହି ତାଙ୍କର ଗତିମୁକ୍ତିଦାତା । ସେଥିପାଇଁ ତାଙ୍କୁ ଶରଣ ମାଗି କବି କହିଛନ୍ତି—

ମେରୀ ଜୀବନ ନାବକୋ ଜୀବନ ନାଥହୈ
ଶାମ ହୋନେ ସେ ପହିଲେ ତୀରେ ଘାଟ ପର ବାଁଧନାହୈ

ତୁଟେ ମେରା ଖେବନହାର୍‌ ବନାନେ କ ସାଧନା ହେ ।
ଯୃଦ ସାରେ ନଭ ଗ୍ଗରେ ବାଦଲ୍‌ ବଜେ ବଜ୍ରକା ଭୈରବ ମାଦ୍ଦଲ ।
ତୁମ ହୋ ସାଥ ମେ ମୁଝେ କ୍ୟା ଭୟ୍‌; ଅବେ ନ ପ୍ରଲୟ ।
ଲହରେଁ କେ ବୀର ଲୟ ହୋନା, ଅତଲ୍‌ ତଲ୍‌ ମେ ଡ଼ାଲ୍‌ ବସେରା—
ଯୃଦ ବଡ଼ବାନଲ୍‌ ଶିଖାଓଁ ମେ କୁଦନା ହେ ।
ଏକ ସାଥ ହି ଡୁବନା; ନହିଁ କୋଇ ଭାବନା,
ତୁମ୍ହାରେ ଉର ପର ମରନା, ନିବାଡ ଅନୁଭୂତ ଓହ ତ.ମମ ।
ଜୀବନ କ ଆରାଧନା ହେ ।

ଜୀବନରେ କବି ମୁସାଫିର । ହୃଦୟର ବେଦନା ନେଇ କଣ ହେବ ? ଦିନେ ତ ତାହା ମାଟିରେ ମିଳାଇଯିବ । ମୁସାଫିର ଏକାକୀ । ବନ-ପ୍ରାନ୍ତରରେ ଦିନ ବିତାଇବା ତାର ଭାଗ୍ୟ-ଲିପି । ବୃଥା ଦୁନିଆକୁ ଦୁଃଖ କହି ଦୁନିଆକୁ ସନ୍ତେଇ କଣ ଫଳ ଅଛି ? ଦୁନିଆରେ ଦେଣା, ପାଉଣା ସବୁ ମିଥ୍ୟା, କେବଳ ଅଭିନୟ, ବାହାନା ମାତ୍ର । କାରଣ "ଏକଦିନ ତୁଝକୋ ସବ୍‌ ଛୋଡ଼ କର ଚୋ ଜାନା ହେ ।" ନିଜର ବେଦନାମୟ ଜୀବନକୁ କବି ମଧୁକରକୁ ଡାକି କହିବା ଛଳରେ କହୁଛନ୍ତି—

"ଅପନେ କୋ ଦେନେ ମେ ଯୋ ଆନନ୍ଦ,
ଯୃହ ଆନନ୍ଦ ହେ ପରମାନନ୍ଦ ।
ସରେ ଦିଲ ସେ ଦୁନିଆକୋ ଅପନାଲୋ,
ସପନାପୁରୀ ମେଁ ତୁ ସ୍ୱର୍ଗ ବନା ଲୋ ।"

**ପ୍ରେମ ଜଗତରେ କବିଙ୍କ ଆଦର୍ଶ—**

ମନ, ହୃଦୟ ସହିତ ଯଦି ମନ ଓ ହୃଦୟର ମିଳନ ହେଲା, ତହିଁରେ ପ୍ରାଣର ଆନନ୍ଦ । ଦେହର ସ୍ଥାନ ସେଠାରେ ନିକୃଷ୍ଟ । କବିଙ୍କ

କହୁଛନ୍ତି, "ଦିଲ୍ ମେ ଦିଲ୍ ମିଲ୍ ତୋ ସବ୍ କୁଛ୍ ମିଲା । ଉନ୍‌କ ଦୂସ୍‌ପର କୈଁୟା ହୋ ଶର୍ମିଲା ।

କବି ନାନା ଭାବରେ, ନାନା ରଙ୍ଗରେ, ନାନା ରସରେ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ତାଙ୍କର ଗଭୀର ବେଦନାର ଗୋଟିଏ ଚିତ୍ର ଦେଇ ମୋର ସ୍ମାରକଲିପି ଶେଷ କରିବି । କବିତାରେ ମାନବ ଜୀବନର ଛାୟା ପଡ଼େ—କବିଙ୍କର ବ୍ୟକ୍ତିତ୍ୱ ମଧ୍ୟ ତହିଁରେ ଜଡ଼ିତ ଅଛି, ଏ କଥା ଅନେକ ସମୟରେ ସତ୍ୟ ।

କବି "ମନକୀ ସବ୍ ବାତ୍" କବିତାରେ କହୁଛନ୍ତି—

ମନ କା ସବ୍ ବାତ କୈସେ ବତାଉଁ
ମନ୍‌କା ଅପନା ଜନ ବୀନ ସଖୀ ।
ଚାନ୍ଦ୍‌କୀ ଜ୍ୟୋତି କିସେ ଦେଖଲାଉଁ
କୋଇ ଜବ୍ ନହିଁ ରୋବେ ଉସେ ଲଖି ।
ମନ କୀ ଜଲନ କୋ ଜୋ ହୈ ପହଚନା
ଛୁପା ଛୁପା କର ଆଁସୁଆ ବହାନା—
ସୋନେକୋ କସୋଟି ଉଲେ ହି ମିଲ୍ ଯାୟ
ମିଲେ କ୍ୟାରେ ସଚ୍ଚି ଦିଲ୍‌କା ପାରଖି ।
ଜଙ୍ଗଲ୍ ମେଁ ଆଗ ଲଗତେହି ଦେଖେ ଜର୍
ଆଗ ଲଗେ ଅନ୍ଦର ଜବ୍ ଭି ରଗୋଁରଗ ।
କୋନ ଦେଖେ ଉସେ କୋନହି ବୁଝାଓଏ
ହାୟ ! ଜୀବ୍‌କୋ ନିକଲେ ବିଲଖି ବିଲଖି ।

ନାସିକବିଙ୍କର ଅନ୍ତରର ସଙ୍ଗୀ କେହି ନ ଥିଲେ । ତାଙ୍କର ଜୀବନର ବହୁ ଅବ୍ୟକ୍ତ ବାଣୀ କବିତାର ମର୍ମ ଭିତରେ ଲୁଚିଛି ।

କେତେ କେତେ ତାହା ପାଠକର ବିଦଗ୍ଧ ଚିତ୍ତକୁ ସ୍ପର୍ଶ କରି ଉଦ୍ଭାସିତ ହୋଇ ଉଠିବ । ଏହି ନାରୀଙ୍କୁ ଆଜି ସ୍ମରଣ କରି ମନେ ହୁଏ, ସେ ନିଖିଳ ଉତ୍କଳର ମାତା, ଭଗିନୀ, ପ୍ରିୟା ! କୌଣସି ଦେଶ-କାଳ-ପାତ୍ରର ସୀମାବଦ୍ଧ ନିଗଡ଼ ଭିତରେ ତାଙ୍କର ଜୀବନକୁ, ତାଙ୍କର କାବ୍ୟ କବିତାକୁ, ତାଙ୍କର ଆଦର୍ଶକୁ ବିଚାରିଲେ ଜାତି ମହାଭ୍ରମରେ ତାହାଙ୍କ ସ୍ୱର୍ଗତ ଆତ୍ମା ପ୍ରତି ଅବିଚାର କରିବ । ସେ ଆଜି ବ୍ୟକ୍ତିବିଶେଷଙ୍କ ସ୍ତ୍ରୀ, ମାତା, ଭଗିନୀ, ସଖୀ, କନ୍ୟା ନୁହନ୍ତି—ସେ ସର୍ବଜନର; ସମସ୍ତ ଦେଶ-ମାତୃକାର ଦରିଦ୍ର ସଙ୍ଖାଳି—ରଙ୍କ ପସରା ।

କବି ନୀରବରେ ତାଙ୍କର ବୁକୁରେ ସଞ୍ଚିତ ଅଶ୍ରୁରାଶିକୁ ବାହାରେ ହାସ୍ୟରେ ପ୍ରକାଶ କରିବାକୁ ବୁଝାଇଛନ୍ତି । କବିଙ୍କ କଥା ହିନ୍ଦି ଭାଷାରେ କି ମନୋଜ୍ଞ ଶୁଭୁଛି ! ଏହିପରି ଦୁନିଆର ଦୁଃଖରେ ପୃଥିବୀର ସମସ୍ତ କବିଶେଖରମାନେ ସମଦୁଃଖୀ । ଏହି ଦୁଃଖଭାର ଲଘବ କରିବାକୁ ଆମ କବି ମନକୁ ବୁଝାଇଛନ୍ତି । ଇଂରେଜ କବି ଶେଲି ମନକୁ ବୁଝାଇ କହିଥିଲେ, Our sweetest songs are those that tell of saddest thoughts.”

ଆମ କବି କହୁଛନ୍ତି—

ଗାନେ।ମେ ଉହ ଜାନେ ଦୋ ରେ
ଢଲକେ ଯୁହ ଦରଦୋ କୋ ମେରା
ମୁସ୍କାନେ ମେ ଆଁସୁଓଁକା,
ଛୁପ୍ ଜାନେ ଦୋ ଘନ ଅନ୍ଧେରା ।”

ଅକଥ୍ୟ ଅନୁଭୂତି କବି ପ୍ରକାଶ କରି ପାରେ ନାହିଁ । ହୃଦୟର ବେଦନା ଚିତ୍ତର ପ୍ରତ୍ୟେକ ଅବସ୍ଥାରେ , ଜୀବନର ପ୍ରତି ସ୍ତରରେ

ଆସୁଁ ଓଁ କା ବହତେ ଧୁଆଁ କିସ୍ ତରହ
ଶୂନ୍ୟ ବିଶାଲ୍ ବିଶ୍ୱ ରାହ ପର
"ଆହ"କେ ବୋଝା ଲେ ଚଲୁଁରେ କିସ୍ ତରହ ।
ଚଲ୍‌ତେ ଚଲ୍‌ତେ ଥକ କର କହେଁ।
ପଥକେ କିନାର ବୈଠେ ବିରହୀ
ଟୁଟି ତନ୍ତ୍ରୀ ବଜାତେ ବଜାତେ
ଥରଥର ଉଁଗଲିୟାଁ କାଁପତେରେ କିସ୍ ତରହ ।

କବିଙ୍କ ଅନ୍ତର ତ କେବଳ ବେଦନାର କରୁଣ ଭାବ ସାର କରି ନିଷ୍କ୍ରିୟ ହୋଇ ରହି ନ ଥିଲା । ଯେ ସମସ୍ତ ଜାତୀୟ ଜୀବନର ତନ୍ତ୍ରୀରେ ନିଜ ଆତ୍ମାର ଅନାହତ ସ୍ୱର ଆଣି, ସମଗ୍ର ଜାତିର ଚେତନାରେ ବିଦ୍ୟୁତ୍ ଚମକ ଲଗାଇପାରେ, ସେ କଣ ସାଧାରଣ ଜୀବନର ଆଘାତ, ନିରାଶା, ବିଡ଼ମ୍ବନା ବା ଭାଗ୍ୟଲିପିର ପରିହାସରେ ମରିଯିବ ? ତାଙ୍କ ଅନ୍ତରରେ ଚଳମାନ ସୈନିକର ପଦଧ୍ୱନି ରୁଦ୍ର-ତାଳରେ ନାଚି ଉଠୁଥିଲା । ସେ କହୁଛନ୍ତି, ଜଳିବା ପାଇଁ ତ ତାଙ୍କର ଜନ୍ମ । କିନ୍ତୁ ଏହି ଦୀପକ ସେ ତ ପ୍ରତି ଘରର ଜାଲିମ ଅନ୍ଧକାର ଦୂର କରିବାକୁ ଚାହାନ୍ତି । ଜଳିବା, ପୋଡିବା, ଦୁଃଖ ପାଇବା, ସହିବା ଭିତରେ ଯେ ଅନନ୍ତ ତୃପ୍ତି, ମରିବା ଭିତରେ ଯେ ଆନନ୍ଦ, ଯେ ନ ଜଳିଛି, ନ ପୋଡ଼ିଛି, ଦୁଃଖ ନ ପାଇଛି, ସେ କାହୁଁ ବୁଝିବ ? ସଂଗ୍ରା-ମହିଁ ତ ମାନବ-ଜୀବନର ରୂପ ? ଯେଉଠି ସଂଗ୍ରାମ ନାହିଁ Struggle ନାହିଁ, ସେଠି ତ ମୃତ ଶ୍ମଶାନ ! ସେ ନିଜର ଦହନ ଦ୍ୱାରା ସମସ୍ତଙ୍କ ହୃଦୟରେ ଆଲୋକ ଦେବାକୁ ଚାହାନ୍ତି ଏବଂ ସେଥିପାଇଁ ନିଜକୁ ବଳି-ଦାନ କରି ତାଙ୍କର ସାର୍ଥକତା—ଏହି ଭାବ ତାଙ୍କର କବିତାଟିରେ ପ୍ରକାଶ ହୋଇଅଛି ଏବଂ ଏହାକୁ ଉଦ୍ଧୃତ କରିବାର ଉଦ୍ଦେଶ୍ୟ ହେଉଛି, ନାଗ୍ରୀ କବିଙ୍କର ଜୀବନର Plot ବା ଗ୍ରନ୍ଥି ଏହି କବିତାର ଭାବ ଉପରେ ଥୁଆ ହୋଇଛି—

ଜଳେ ଜଳେ କହ କର ନାହକ ତୁ ସତାୟା
ଜଲନ କେ ଲିୟେ ତୋ ଜନ୍ମ ହୁଆ ମେରା—
ହୃଦୟ କୀ ଜଲନ ସେ ଜଲ ଜଲ କର,
ହରୟାଲୀ ଜାଉଁ ଘର ଘରେକା ଅଁଧେରା ।
ଜଲନ ମେ ଜୋ ଖୁସି ମରା ମିଟନେ ମେ
ରତ ରତ କର ଜାନ୍ ବାଲନେ ମେ
ନ ଜଳ ତୋ କଭି ଉସେ କ୍ୟା ପତା ରେ
ଆଁଚ କୀ ଲପଟୋଁ ନେ ଜିସେ ନହୀଁ ଘେରା ।
ଜଲୂଁଗୀ ତୋ ସହ ବଲ ହୋ ଜାଉଁଗୀ
ଜଲନ କା ଆନନ୍ଦ ଜଗ କୋ ଜଳାଇଁଗୀ,
ହଜାରୋଁ ଦଳେ କୋ ଉଜାଳ ଦିଖା କର ।
ରହୁଁଗୀ ତୋ ରୋଶନ ସାଁଝ ସେ ସବେରା ।"

ଏହି ଜଳିବାର ମନ୍ତ୍ର ନେଇ ସେ ଆସିଥିଲେ । ସେହି ଜଳିବାର ଦୀକ୍ଷାହିଁ ସେ ଆଜ ଜାତିକୁ ଦେଇଯାଇଛନ୍ତି ।

ବନ୍ଦେ ମାତରମ୍

# ଅର୍ଘ୍ୟ

ଶ୍ରୀ ବିନୋଦଚନ୍ଦ୍ର ନାୟକ ବି.ଏ.

ବର୍ଷ ଯେ ଆସିଲା ଫେର । ସନ୍ଧ୍ୟା ଛୁଇଁ ଧରାର ସମୀପ
ପୂର୍ବଦିଗ ତଟେ ଉଏଁ...। ଏ ଅଙ୍ଗନେ କେ ଜାଳିବ ଦୀପ !
ଶରତର ଦିନାନ୍ତରେ କରେ ଭରି କାଶର ମଞ୍ଜରୀ
କେ ରଚିବ ଦ୍ୱାରପ୍ରାନ୍ତେ ଅର୍ପି କବି ! ପୂଜାର ଅଞ୍ଜଳି ?

ଯେ ବୀଣାରେ ଆପଣାର ତୋଳିଥିଲ ଛନ୍ଦମୟୀ ଗାନ
ଛିନ୍ନତନ୍ତ୍ରୀ କଲ ତାରେ ! ଝରା ପଥ-ପୁଷ୍ପ ସମ ମ୍ଳାନ !
କବି ହେ, ମୂର୍ଚ୍ଛନା ତାର ମୂକ ମୌନ ଖୋଜେ ତୁମରେ ସେ
ନିସ୍ତବ୍ଧ ମନ୍ଦିର ତେଣୁ । ଏ କି କଲ ତମେ ଅବଶେଷେ ?

ମେଘ ଲୋକ ଆର ପାରେ ସଉଧର ଖୋଲି ବାତାୟନ
ଦେଖିବ କି ଥରେ ମାତ୍ର ! ଧରଣୀର ଧୂଳିର ଅଯତ୍ନ
ସୁନା ପାଲଟିଛି ଲଭି ଏକ ବିନ୍ଦୁ ତୁମ ଅଶ୍ରୁନୀର;
ଏକଦା ଯା ଥିଲା ତୁମ, ହୋଇଅଛି ତାହା ଧରଣୀର ।

# କୁନ୍ତଳାକୁମାରୀ ଓ ହିନ୍ଦି ସାହିତ୍ୟ

ଶ୍ରୀ ସରସ୍ୱତୀ ପାଣିଗ୍ରାହୀ

ଓଡ଼ିଶାର ନାରୀରତ୍ନ କୁନ୍ତଳାକୁମାରୀଙ୍କର ଅଲୌକିକ ପ୍ରତିଭା କେବଳ ଓଡ଼ିଶାକୁ ସୁରଭିତ କରି ନାହିଁ, ଚତୁଃପାର୍ଶ୍ୱରେ ସେ ସୌରଭ ବ୍ୟାପ୍ତ କରି ଦେଇଛି । ତାଙ୍କୁ ପାଇ ଓଡ଼ିଶା ଆଜି ଗର୍ବରେ ମୁଣ୍ଡ ଟେକିଛି । ଓଡ଼ିଆ ନାରୀର କୃତିତ୍ୱ କେବଳ ଗୃହିଣୀ ହିସାବରେ ନୁହେ, ଚିକିତ୍ସିକା ରୂପରେ ନୁହେଁ, ଦେଶ-ସେବିକା ଓ ସାହିତ୍ୟ-ସେବିକା ରୂପରେ ଯେତେ ଉଚ୍ଚରେ ପହଞ୍ଚିଅଛି, ତାହା ପାଶ୍ଚାତ୍ୟ ଜଗତର କର୍ମ-କୁଶଳା ଆଧୁନିକା ନାରୀଠାରୁ କୌଣସି ଦିଗରେ କମ୍ ନୁହେ । ଓଡ଼ିଶାରୁ ଦିଲ୍ଲୀ ପର୍ଯ୍ୟନ୍ତ ଲୋକେ କୁନ୍ତଳାକୁମାରୀଙ୍କୁ ସ୍ମରଣ କରୁଛନ୍ତି । ଚିକିତ୍ସିକା ରୂପରେ ନୁହେଁ—ଉତ୍କଳ-ଭାରତୀ ରୂପରେ ।

ଓଡ଼ିଆ ସାହିତ୍ୟକୁ କୁନ୍ତଳାକୁମାରୀ ଯେଉଁ ଦାନ ଦେଇଛନ୍ତି, ତାହା ତ ପ୍ରତ୍ୟେକ ଉତ୍କଳ-ସାହିତ୍ୟ-ପ୍ରେମୀ ଜାଣନ୍ତି; କିନ୍ତୁ ଏହା ବ୍ୟତୀତ ହିନ୍ଦି ସାହିତ୍ୟରେ ସେ ଯେଉଁ ପ୍ରତିଭା ଦେଖାଇଛନ୍ତି, ତାହାହିଁ ତାଙ୍କର ଗୁରୁତ୍ୱକୁ ଦ୍ୱିଗୁଣିତ କରି ଦେଇଛି । ଓଡ଼ିଆ ନାରୀ ହିନ୍ଦି (ବ୍ରଜଭାଷା)କୁ ନିଜର ମୁଷ୍ଟିରେ ଆବଦ୍ଧ କରି ସେଥିରେ କବିତ୍ୱ ଦେଖାଇବା ଏ ଦରିଦ୍ର ଓଡ଼ିଶାର ଉତ୍କୃଷ୍ଟ ଓ ଶ୍ରେଷ୍ଠତମ ସୌଭାଗ୍ୟ ଛଡ଼ା ଆଉ କଣ ହୋଇପାରେ ?

ହିନ୍ଦିରେ ସେ ନାରୀ, ବରମାଲା, ଜାଗରଣ, ସତୀତ୍ୱ, ସୁଦିନ ଲେଖିଅଛନ୍ତି ଏବଂ ସେଥିରେ ତାଙ୍କର ଅନ୍ତରର ରୂପସ୍ୱପ୍ନ ବିକଶିତ ହୋଇଛି । ତାଙ୍କର ସେହି ସରଳ ସୁଲଳିତ ହିନ୍ଦି କବିତାଗୁଡ଼ିକ ପାଠ କଲେ ଜଣାଯାଏ, ଉର୍ଦ୍ଦୁ ଉପରେ ମଧ୍ୟ

ତାଙ୍କର ଅଧିକାର ଥିଲି । ମୁଁ ଏଠାରେ ତାଙ୍କର 'ବରମାଳା' ବିଷୟରେ ହିଁ ପଦେ ଅଧେ କହୁଛି । ବରମାଳା ଖଣ୍ଡିଏ ଗୀତିକାବ୍ୟ । ଯଥାନାମ ସ୍ତଥା ଗୁଣାଃ । ବଧୂ ଯେପରି ନାନା ପ୍ରକାରର ଉତ୍କୃଷ୍ଟ ପୁଷ୍ପରେ ନିର୍ମିତ ବରଣମାଳା ନେଇ ସଭା ମଣ୍ଡପରେ ଅବତୀର୍ଣ୍ଣା ହୁଏ, କୁନ୍ତଳା-କୁମାରୀ ସେହିପରି ଉତ୍କୃଷ୍ଟ କବିତାରେ ବରମାଳା ସଜାଇ ହିନ୍ଦି ସାହିତ୍ୟକୁ ଅର୍ପଣ କରିଛନ୍ତି । ମାଳାର ମଝିରେ କେତେଗୁଡ଼ିଏ ଉତ୍କୃଷ୍ଟ ଓ ସୁନ୍ଦର ଫୁଲ ଗୁନ୍ଥା ହୋଇଥାଏ । 'ବରମାଳା' ରେ ମଧ୍ୟ ତାହାହିଁ ଦେଖିବାକୁ ମିଳେ । ବରମାଳାର ମଧ୍ୟଭାଗରେ ଉତ୍କୃଷ୍ଟ କବିତାରାଜି ସଜା ହୋଇଅଛି ।

ତା ମଧ୍ୟରେ ତାର ପ୍ରକୃତ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ମିଳେ; "ଢଲକା ଦରଦ", "ଆଁଖିଁକା ଉଜାଲା" ଓ "ପରମ ପ୍ରେମିକ" ପ୍ରଭୃତି ଅନେକ କବିତା ପାଠକର ହୃଦୟକୁ ତରଳ କରିଦିଏ । ଯଥା—

ଢଲ୍‌କା ଦର୍ଦ୍ଦ ମୈ କହୁଁ କିସ କୋ
କୋଇ ଦର୍ଦ୍ଦ ସୁନନେ ବାଲା ଭୀ ହୋ ।
ଆଖିଁ କେ ଆଁସୁଆ ଦେଖାଲାଉଁ କିସେ
କୋଇ ଉସେ ପୋଁଛନେ ବାଲା ଭୀ ହୋ । ଇତ୍ୟାଦି

ପେଡ଼ ତଲେ ବୈଠୁଁ ହାତ ଫୈଲା କର
ନ ଝାଙ୍କିଓ ମେରି ଓର ଲଜ୍ଜା କର
ନ ଗୃହୋଁ ଧନ ଝୋଲି ଭର କର,
ଚରଣୋଁକେ ରଜ କଣ ତୋ ଦୀଜିୟେ—ଇତ୍ୟାଦି

ତୁମ୍ ପରମ ପ୍ରେମିକ ହୋ କର
ମୁଝେ ଘୃଣା ମେଁ କ୍ୟା ଭର ଦିଆ
ତୁମ ଅଖିଲାନନ୍ଦ କହଲା କର ।
ମୁଝେ ଆଁଖିଁ କେ ଜଲ୍ ସେ ତର କିୟା—ଇତ୍ୟାଦି ।

କୁନ୍ତଳାକୁମାରୀ ତାଙ୍କର ମୁଖବନ୍ଧରେ ସ୍ପଷ୍ଟ କହିଦେଇଛନ୍ତି ଯେ, "ମୁଁ ହିନ୍ଦି ସାହିତ୍ୟକୁ କିଛି ଦେବାକୁ ଯାଉ ନାହିଁ ଅଥବା ସେଥିରେ ପ୍ରଶଂସା ପାଇବାର ଆଶା ରଖି ନାହିଁ, ତଥାପି ହିନ୍ଦି ଭାଷାରେ ଗୁଡ଼ାଏ ଗାଇବା ପାଇଁ ପ୍ରବଳ ଇଚ୍ଛା ଜନ୍ମିବାରୁ ମୁଁ ଯେ କୌଣସି ରୂପରେ ହିନ୍ଦିରେ ଗାଇ ମୋର ଅନ୍ତରକୁ ହାଲୁକା କରୁଛି ।" ତାଙ୍କର ଏହି ଭାବ 'ଟାନା'ରୁ ସ୍ପଷ୍ଟ ବୁଝାଯାଏ, ଯଥା—

କୋଇ ସୁନେ ଅଗର୍ ନ ସୁନେ ୟୁହ୍ ଗାନ୍
କୋଇ କରେ ମାନ ଅଥବା ଅପମାନ ।
ମୁଝେ ଉସ ମେଁ କ୍ୟା ହୈ ମୈଁ ତୋ ମତବାଲି
ଭରି ହୁଇ ଦିଲ୍ କା ପାଲି କରୁଁ ଖାଲି ।

ତାଙ୍କର ପ୍ରଥମ କେତୋଟି କବିତା ସ୍ୱଦେଶ-ପ୍ରେମରେ ପୂର୍ଣ୍ଣ ରହିଛି । ଗାନ୍ଧୀ, ଜହରଲାଲ, ଚରଖା ପ୍ରଭୃତି ବିଷୟରେ ଅତି ଲଳିତ ଓ ସରଳଭାଷାରେ କବିତା ହୋଇଛି । ସେ ଯେଉଁ ଆନନ୍ଦରେ ଗୀତ ଗାଇ ପାରିଛନ୍ତି, ପାଠକ ମଧ୍ୟ ସେହି ଆନନ୍ଦରେ ଭାସିଗଲା ପରି ଲାଗେ । ତାଙ୍କର ସଙ୍ଗୀତ ପ୍ରବାହ ଭିତରେ ତାଙ୍କ ହୃଦୟ ଅସୀମ ଆନନ୍ଦ ଲାଭ କରିଅଛି; ପାଠକ ପାଇଁ ସେହି ଆନନ୍ଦ ଶବ୍ଦ ମଧ୍ୟରେ ଭରି ଦେଇଛନ୍ତି ।

ସ୍ୱଦେଶ ବିଷୟରେ କିଛି ବାଟ ଗାଇ ସେ ଧର୍ମ ବିଷୟରେ ଗାଇ-ଅଛନ୍ତି । ସେଥିରେ ଶ୍ରୀକୃଷ୍ଣଙ୍କ ପ୍ରତି କରୁଣ ରସପୂର୍ଣ୍ଣ ପ୍ରାର୍ଥନା ରହିଛି । ସେ କେତୋଟି କବିତା ପଢ଼ିଲେ ତାଙ୍କ ହୃଦୟର ଭଗବତ୍ ଭାବ ଜଣାଯାଏ ।

ସେ ପ୍ରାକୃତିକ ସୌନ୍ଦର୍ଯ୍ୟର ଉପାସିକା ଥିଲେ । ତାହାର ପ୍ରତ୍ୟକ୍ଷ ପ୍ରମାଣ—ପ୍ରଭାକର ପ୍ରାର୍ଥନା, ଉଷାଗାନ, ପ୍ରାତଃ କବିତାବଳି । ଉତ୍କଳ-

ଭାରତୀଙ୍କ ପ୍ରୟାସ ଉତ୍କଳ-ସାହିତ୍ୟରୁ ହିନ୍ଦି ସାହିତ୍ୟକୁ ଅନେକ ଗୁଡ଼ିଏ ଜିନିଷ ଦାନ କରିଅଛି । ଓଡ଼ିଆରୁ ସେ କେତେ କେତେ ଭଲ କବିତା ଓ ପ୍ରବନ୍ଧ ହିନ୍ଦିରେ ଅନୁବାଦ କରିଛନ୍ତି । 'ଛୋଟାସା ଫୁଲ୍' ୧୦ ବର୍ଷ ତଳେ ଉତ୍କଳ-ସାହିତ୍ୟରେ ପ୍ରକାଶିତ 'ଛୋଟ ଫୁଲ୍' କବିତାର ପ୍ରାୟ ଅନୁବାଦ ।

ତାଙ୍କୁ ଏତେ କମ୍ ବୟସରେ ହରାଇ ଉତ୍କଳବାସୀ ଯେଉଁ ମହାକ୍ଷତିଗ୍ରସ୍ତ ହୋଇପଡିଛନ୍ତି, ତାହା କେବେ ଅଦୂର ଭବିଷ୍ୟତରେ ପୂର୍ଣ୍ଣ ହେବା ଅସମ୍ଭବ । ସେ ତାଙ୍କର ଏହି ଅଳ୍ପ ବର୍ଷ କେତୋଟିରେ ଯାହା ସବୁ କରି ଯାଇଅଛନ୍ତି, ତାହା ଚିରଦିନ ପାଇଁ ଅମର ହୋଇ ରହିବ । ସେହି କୃତୀ ମଧ୍ୟରେ ସେ ନିଜେ ମଧ୍ୟ ବଞ୍ଚି ରହିଥିବେ ।

କୀର୍ତ୍ତି ଯସ୍ୟ ସଃ ଜୀବତି ।

# ବିପ୍ଲବିନୀ କୁନ୍ତଳାକୁମାରୀ

ଶ୍ରୀ ବଳରାମ ମହାନ୍ତି

ଯୁଗେ ଯୁଗେ ଯେଉଁ ନରରାକ୍ଷସମାନେ ନରରକ୍ତରେ ଧରିତ୍ରୀକୁ ଲୋହିତ କରି, ଅସଂଖ୍ୟ ଅସହାୟା ନାରୀ, ବୃଦ୍ଧ, ବାଳକ-ବାଳିକାଙ୍କ ଜୀବନର ଶେଷ ଯବନିକା ନିଜ ହସ୍ତରେ ଟାଣି, ଅଗଣିତ ନରନାରୀଙ୍କୁ ବାସଶୂନ୍ୟ ଓ ବୁଭୁକ୍ଷୁ କରି ରାଜ୍ୟ ପରେ ରାଜ୍ୟ ପଦାନତ କରିଛନ୍ତି, ଆମ୍ଭେମାନେ ସେମାନଙ୍କୁ ବିପ୍ଳବୀ ଆଖ୍ୟା ଦେଇ ଆସିଛୁ । ଯେଉଁମାନେ ଏହି ଅମାନୁଷିକ ଅତ୍ୟାଚାରରେ ଅଧିକ ଭାଗିଦାର ହୋଇ ଆସିଛନ୍ତି, ସେମାନଙ୍କୁ ସେତେ ବଡ଼ ବିପ୍ଳବୀ ବୋଲି ଇତିହାସ ଆଖ୍ୟା ଦେଇଛି । ବିପ୍ଳବର ଶେଷ ଅଧ୍ୟାୟ ଆଜିକୁ ବହୁଦିନ ପରେ ଯେତେବେଳେ ଇତିହାସରେ ଲେଖାହେବ, ସେତେବେଳେ ବିପ୍ଳବର ସଂଗଠନ କି ପ୍ରକାର ହୋଇଥିବ, ତାହା କଳ୍ପନାକୁ ଆଜି ଆସୁ ନାହିଁ; କିନ୍ତୁ ବିପ୍ଳବର ନୂତନ ଅଧ୍ୟାୟ ଖୋଲି ହେବାର ଯେଉଁ ସୂଚନା ମିଳିଛି, ତହିଁରେ ରକ୍ତପାତ ଅତ୍ୟାଚାରର ପରିମାଣ ଯଥେଷ୍ଟ ସାମାନ୍ୟ ଅଛି ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ । ମନୁଷ୍ୟ ପ୍ରତି ମନୁଷ୍ୟର ଅତ୍ୟାଚାରକୁ ହୃଦୟରେ ସ୍ଥାନ ନ ଦେଇ ଯେଉଁ ମହାପୁରୁଷମାନେ ନିଃସ୍ୱାର୍ଥ ଓ ନିଷ୍ଠାପର ସେବାର ଆଦର୍ଶ ଦେଖାଇ ପଶୁଠାରୁ ବଳି ଅଧିକ କଠିନ ଓ କଳୁଷିତ ହୃଦୟକୁ ବଦଳାଇ ଦେଇ ପାରିଛନ୍ତି ଓ ବହୁଦିନରୁ ପ୍ରଚଳିତ କଳୁଷିତ ସମାଜରେ ଘୋର ପରି-ବର୍ତ୍ତନ ଆଣିଦେଇ ପାରିଛନ୍ତି, ସେମାନେ ମଧ୍ୟ ଶ୍ରେଷ୍ଠ ବିପ୍ଳବୀଶ୍ରେଣୀର ଅନ୍ତର୍ଭୁକ୍ତ ହେବେ ।

ଏହି ବିପ୍ଳବ ପାଇଁ ଦୁଇ ଶ୍ରେଣୀର ମହାପୁରୁଷ କାର୍ଯ୍ୟ କରିଥାନ୍ତି । କେତେ ଜଣ ଭାବ ଦିଅନ୍ତି ଓ କେତେ ଜଣ ସେହି ଭାବକୁ ଆଦର୍ଶରେ ପରିଣତ କରନ୍ତି । ଜଗତରେ ବିପ୍ଳବ ଇତିହାସରେ ସେପରି ଦୃଷ୍ଟାନ୍ତ

ଶରଳ ନୁହେ । ରୁଷୋ ଭଲଟେୟାରର ଯେଉଁ ଭାବ ଚିନ୍ତା କରିଥିଲେ, ମିରାବୋ, ରବେସପିଅରେ ପ୍ରଭୃତି ସେହି ଭାବକୁ କାର୍ଯ୍ୟରେ ପରିଣତ କଲେ । ଇଟାଲୀର ମାଟ୍‌ସିନି ଯେଉଁ ଚିନ୍ତାକୁ ଦର୍ଶନ ପୁସ୍ତକରେ ଲିପିବଦ୍ଧ କରିଥିଲେ, ଗାରିବାଲ୍‌ଡି ତାକୁ କାର୍ଯ୍ୟରେ ପରିଣତ କଲେ । ଗତ ଆଇନ ଅମାନ୍ୟ ଆନ୍ଦୋଳନ ବେଳେ ସେହିପରି ଦୁଇଶ୍ରେଣୀର କର୍ମୀ ଜାତୀୟ ଇତିହାସକୁ ମହିମାନ୍ୱିତ କରିଛନ୍ତି । ସେହି ଆନ୍ଦୋଳନ ବେଳେ ଉତ୍କଳର ଅକ୍ଲାନ୍ତ କର୍ମୀମାନଙ୍କ ହୃଦୟରେ ଅସୀମ ସାହସ ଦେବା ପାଇଁ ଯେଉଁ କବିମାନେ ବହୁ ଜାତୀୟ କବିତା ରଚନା କରିଥିଲେ, ସ୍ୱର୍ଗୀୟା ଉତ୍କଳଭାରତୀ କୁନ୍ତଳାକୁମାରୀ ତନ୍ମଧ୍ୟରୁ ଅନ୍ୟତମା । କୁନ୍ତଳାକୁମାରୀ ପ୍ରଥମେ ବିପ୍ଳବୀ, ତା ପରେ ସେ ଡାକ୍ତର, ସାହିତ୍ୟିକ, ଉତ୍କଳ-ପ୍ରେମୀ ଓ ସମ୍ପାଦିକା । ବିପ୍ଳବ ଅଭିମୁଖୀ ସୈନ୍ୟମାନଙ୍କୁ ପ୍ରେରଣା ଦେଇ ଅତ୍ୟାଚାରୀ ଶତ୍ରୁର ସମସ୍ତ କୁଟକୌଶଳ ପଣ୍ଡ କରିବା ପାଇଁ ଜାତୀୟ କବିତା ଓ ସମର ସଙ୍ଗୀତ ସର୍ବାପେକ୍ଷା ଅଧିକ ସାହାଯ୍ୟ କରେ । ଗତ ମହାଯୁଦ୍ଧ ବେଳେ ରୁଡିୟାର୍ଡ଼ କିପ୍ଲିଂଙ୍କର ଅମର ସମର ସଙ୍ଗୀତ ବ୍ରିଟିଶ ସେନା ହୃଦୟରେ କମ୍ ସାହସ ସଞ୍ଚାର କରି ନ ଥିଲା । ବଙ୍ଗଭଙ୍ଗ ବେଳର ସ୍ୱଦେଶୀ ଆନ୍ଦୋଳନ ବେଳେ ବଙ୍କିମ ବାବୁଙ୍କର ବନ୍ଦେ-ମାତରମ ସଙ୍ଗୀତ ଉତ୍ତପ୍ତ ଯୁବକ ହୃଦୟରେ ଯେଉଁ ଉନ୍ମାଦନା ଆଣି ଦେଇଥିଲା, ତାହା ଅନ୍ୟ କୌଣସି ଉପାୟରେ ସମ୍ଭବପର ହୋଇପାରି ନ ଥାନ୍ତା । ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କର ସ୍ୱଦେଶୀ କବିତା ପାଇଁ ବଙ୍ଗବାସୀଙ୍କ ହୃଦୟ ସର୍ବାପେକ୍ଷା ଅଧିକ ହରଣ କରି ପାରି ଥିଲେ । ଆଇନ ଅମାନ୍ୟ ଆନ୍ଦୋଳନ ଯେତେବେଳେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ସାରା ଭାରତର କୋଟି କୋଟି ଯୁବକଙ୍କୁ ବିଦ୍ୟା ମନ୍ଦିରର ଶାନ୍ତିମୟ କୋଳରୁ ଟାଣିଆଣିଥିଲା, ଉତ୍କଳଯୁବକ ତେତେବେଳେ ମଧ୍ୟ ନୀରବ ହୋଇ ବସି ନ ଥିଲେ । ଉତ୍କଳ ଯୁବକ ହୃଦୟକୁ ବିପ୍ଳବୀ କୁନ୍ତଳାକୁମାରୀଙ୍କର ଅମର ସମର ସଙ୍ଗୀତ ଅଧୈର୍ଯ୍ୟ କରି ପକାଇଥିଲା ।

ତାଙ୍କର ସ୍ଫୁଲିଙ୍ଗ ଉତ୍କଳର ଯୁବକ ବିଦ୍ୟାର୍ଥୀଙ୍କ ପ୍ରାଣରେ ଯେଉଁ ଅଗ୍ନିକଣା ବିଞ୍ଚି ଦେଇଥିଲା, ଆହ୍ୱାନ ଯେଉଁ ବିଶ୍ୱବିଜୟୀ ତାନରେ ସମରର ଆଗମନୀ ଶୁଣାଇଥିଲା, ତହିଁରେ ସେମାନେ ଶାନ୍ତିର ନିଳୟ ଛାଡ଼ି ଅଗ୍ନିମୟ ସଂଗ୍ରାମକୁ ଡେଇଁ ପଡ଼ିଥିଲେ ।

ସେହି ଯୁବକମାନଙ୍କର ଜୀବନ ବଳିଦାନ, ତ୍ୟାଗ ଓ ନିଷ୍ଠା ଫଳରେ ଉତ୍କଳର ଜାତୀୟ ଜୀବନରେ ଯେଉଁ ପରିବର୍ତ୍ତନ ଦେଖା-ଦେଇଛି ଏବଂ ସେ ଦିନର ଯୁବକମାନେ ଆଜି ଯେ ଅଧିକ ଲାଞ୍ଛନା ଯନ୍ତ୍ରଣା ପାଇଁ ପ୍ରସ୍ତୁତ ହୋଇ ପାରିଛନ୍ତି, ତା ମୂଳରେ ଉତ୍କଳଭାରତୀ କୁନ୍ତଳାକୁମାରୀଙ୍କର ଦାନ ସର୍ବାପେକ୍ଷା ଅଧିକ । କୁନ୍ତଳାକୁମାରୀଙ୍କର ରଚିତ ପୁସ୍ତକାବଳୀ ହୁଏ ତ ଦିନେ ଏ ଦେଶର ଯୁବକର ଦୃଷ୍ଟି ଅନ୍ତରାଳରେ ରହିଯାଇ ପାରେ, ତାଙ୍କର ଚିକିତ୍ସା ବିଦ୍ୟାରେ ନିପୁଣତା, ସାହିତ୍ୟର ସମସ୍ତ ଦିଗରେ ପାରଦର୍ଶିତା ବା ଅନ୍ୟ ପ୍ରାଦେଶିକ ଭାଷାରେ ବିଚକ୍ଷଣତା ହୁଏ ତ ଏ ଦେଶ ଦିନେ ପାଶୋରି ପକାଇପାରେ; କିନ୍ତୁ ଜାତୀୟ ସଂଗ୍ରାମକୁ ଶକ୍ତିଶାଳୀ କରିବାକୁ ସେ ଯେଉଁ ସମର ସଙ୍ଗୀତ ରଚନା କରିଥିଲେ, ଜାତିର ଯୁବକ ସେ କଥା ଚିରଦିନ ସ୍ମରଣ କରିବ । କୌଣସି ଜାତି ତାର ଜାତୀୟ କବିକୁ ଭୁଲିଯାଇ ନାହିଁ । ଆମେରିକା ଗଣ-କବି ହୁଇଟ୍‌ମାନଙ୍କୁ ଭୁଲିଯାଇ ନାହିଁ । ଇଂରେଜ ଜାତି ମାକଲେଙ୍କୁ ଭୁଲିଯାଇ ନାହିଁ କି ରୁଡ଼ୟାର୍ଡ କିପ୍ଲିଙ୍ଗଙ୍କୁ ଭୁଲି-ଯିବ ନାହିଁ; ଜର୍ମାନୀ ଗେଟେଙ୍କୁ ଭୁଲିଯାଇ ନାହିଁ, ଇଟାଲୀ ଦାନ୍ତେଙ୍କୁ ଭୁଲି ନାହିଁ, ଫରାସୀ ଜାତି ରୁଷୋଙ୍କୁ କେବେ ଭୁଲି ନାହିଁ, ଓଡ଼ିଆ ଜାତି, ଓଡ଼ିଆ ଯୁବକ ବିପ୍ଳବୀ କୁନ୍ତଳାକୁମାରୀଙ୍କୁ କେବେ ଭୁଲି ପାରିବ ନାହିଁ । କୁନ୍ତଳାକୁମାରୀଙ୍କର ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳନ କଲାବେଳେ ଯୁବକକୁ ତାଙ୍କର ଅମର ସମର ସଙ୍ଗୀତର ପ୍ରତି ପାଦ ସେହି କଥା ସ୍ମରଣ କରାଇଦିଏ ।

# ସଂଗୀତ ଓ ଶ୍ରୀମତୀ କୁନ୍ତଳା

ଶ୍ରୀ କାଳୀଚରଣ ପଟ୍ଟନାୟକ

ସ୍ୱର୍ଗତା ଉତ୍କଳ-ଭାରତୀ କୁନ୍ତଳାକୁମାରୀଙ୍କ ସଂଗୀତାଲୋଚନା ସମ୍ବନ୍ଧେ ଦୁଇପଦ ଲେଖିବାକୁ ମୁଁ ସୁଯୋଗ ପାଇ ଧନ୍ୟ ମଣୁଛି ।

ତାଙ୍କ ରଚିତ ଓଡ଼ିଆ ଓ ହିନ୍ଦୀ ବହିଗୁଡ଼ିକ ମଧ୍ୟରୁ ଗୁଡ଼ିଏ ମୁଁ ପଢ଼ିଛି—ତା ଭିତରେ ଗୋଟିଏ ମାଦକତା, ଗୋଟିଏ ଜୀବନ ଆଉ ଉନ୍ମାଦନା ଥିବାଟି ମୋ ପ୍ରାଣରେ ଅନୁଭବ କରେ ବୋଲି ।

ଆମେ ସଂଗୀତ କହିବା କାହାକୁ ? ସ୍ୱର ତାଳ ଅନୁସରଣ କରି ଯାହା ମନକୁ ଛୁଏଁ—ପ୍ରାଣରେ ଆନନ୍ଦ ଦିଏ, ଯେ ଭାବର ଲେଖା ସେଇ ଭାବରେ ଜୀବନର ଏକ ଅଭ୍ୟନ୍ତର ପ୍ରଦେଶରେ ଗୋଟିଏ ନୂଆ ରକମର—କଥାରେ କହିବା ଭଳି—ଅନୁଭୂତି ଆସେ ଯହିଁରୁ । ଭାବାନୁସାରୀ ସ୍ୱର ଛନ୍ଦ ଓ ତାଳସମନ୍ୱିତ ହେଲେ ସଂଗୀତ ମଧୁର, ଲଳିତ ହୁଏ । ତେଣୁ ଉତ୍କଳ-ଭାରତୀଙ୍କର କେଉଁଟି ସଂଗୀତ, କେଉଁଟି ସଂଗୀତ ନୁହେ, ସେତକ ବାଛିବା ଭଳି କ୍ଷମତା ମୋର ଅବଧି ହେଲା ନାହିଁ । ପଦ୍ୟମାନେ ସଂଗୀତ ଜଗତର ଅନ୍ତର୍ଭୁକ୍ତ । ତାହା ସଂଗୀତାନୁମୋଦିତ ଶୁଦ୍ଧ ରାଗ ତାଳ ନିୟନ୍ତ୍ରିତ ନ ହୋଇ ପାରେ; ମାତ୍ର ଛନ୍ଦ ତ ନିଶ୍ଚୟ ଅଛି । ତା ସହିତ ମିଶ୍ର ରାଗ ଓ ତାଳ ମଧ୍ୟ ରହିଛି ।

ଜନମନୋରଞ୍ଜକ ସ୍ୱର ତାଳମୟୀ କବିତା ସଂଗୀତ । ତେଣୁ ମୁଁ କହିବି କୁନ୍ତଳା ଦେବୀଙ୍କର ପ୍ରାଣ, ମନ, ଲେଖନୀ

ସଂଗୀତରେ ଢ଼ଳା ଥିଲ । ତାଙ୍କୁ "ସଂଗୀତ-ଭାରତୀ" ବୋଲି କହିବାକୁ ଇଚ୍ଛା ହେଉଛି ।

ଅର୍ଚ୍ଚନା ଓ ପ୍ରେମଚିନ୍ତାମଣି ଲେଖା ଭିତରେ ଭାରତୀଙ୍କର ସଂଗୀତପ୍ରାଣର ଭାଷା, ଭାବ ଓ ସ୍ୱରସମୂହର ପୁଞ୍ଜୀକୃତ ସମାବେଶ ଦେଖିଲେ ଚଟ୍‌କରେ ମୁଖ ଫୁଟିଉଠେ, କୁନ୍ତଳାକୁମାରୀ ଅମର ବୋଲି । ଆଖିରେ ଲୁହ ଭରିଯାଏ, ହୃଦୟରେ ତାଙ୍କ ସଂଗୀତର ଭାବସଂଗ୍ରହଣର ପ୍ରେରଣା ପାଇ ତନ୍ମୟ ହୋଇଉଠେ—ସଂଗୀତର ଭାବ ସହିତ ସୁଯୋଗ୍ୟ ସ୍ୱର ସଂଯୋଜନାର କୃତକୃତ୍ୟ ଦେଖି ।

ତାଙ୍କ ସଙ୍ଗୀତର ବିଶେଷତ୍ୱ ଏହି ଯେ,ସେଥିରେ **Monotony** ନାହିଁ । ଆଜିକାଲିର ଅବହାଉଆର ଚଳନ ଭଳି କୁହେଳିକାର ସ୍ପର୍ଶ ନାହିଁ, ଅଉ ସେ ସଙ୍ଗୀତ ଯେ କୌଣସି ବ୍ୟକ୍ତି—ସ୍ତ୍ରୀପୁରୁଷ ଯେ କୌଣସି ସ୍ଥଳରେ ଅବାଧରେ ଗାଇ ଆନନ୍ଦ ପାଇ ପାରିବେ । ଭାଷା ମନର ସହଜ କଥାରେ ଗଢ଼ା, ଭାବ ହୃଦୟର ଅଟବଗରେ ପୂର୍ଣ୍ଣ, ସ୍ୱର ପ୍ରାଣର ଛନ୍ଦସମ୍ପୃକ୍ତ ।

ଶ୍ରୀ ରାଧାକୃଷ୍ଣଙ୍କର ଅବ୍ୟକ୍ତ ଚିଦାନନ୍ଦମୟ ପ୍ରେମ ଫୁଟିଛି, ତାଙ୍କ ପ୍ରେମ-ଚିନ୍ତାମଣିର ସଙ୍ଗୀତ ମଧ୍ୟରେ । ଉଭୟଙ୍କ ପୂର୍ବରାଗ, ଅନୁରାଗ, ବିରହ—ମିଳାନାଶା—ମିଳନ—ସୁନ୍ଦର—ସମସ୍ତ କି ସୁନ୍ଦର ! କି ଚମତ୍କାର ଭାବେ ଚିତ୍ର କରିଛନ୍ତି କୁନ୍ତଳା—ତାର ବର୍ଣ୍ଣନା କରିବାକୁ ଗଲେ ଭାଷା ଯୋଗାଇ ହୁଏ ନାହିଁ । ପ୍ରାଣର କି ଉଚ୍ଛୁଳା ପ୍ରେମର ଧାରାରେ ବହି ଆସିଛି—ଶ୍ରୀମତୀଙ୍କର ଭାବ କୁନ୍ତଳାକୁମାରୀଙ୍କର ଅନୁଭୂତିର ମଧ୍ୟରେ ଦେଖନ୍ତୁ ।

କେ କେତେ କହିଲେ ହତଭାଗିନୀ

×　×　×

×　×　×

ବାନ୍ଧୁଥିଲା ଫୁଲମାଳ ମନାସିଲି
ଗୁନ୍ଧେ ବଢ଼ାଇଲି ହାତ
ଦାଦାର୍ ଟେବ ଇତେ ବସି ଅଙ୍ଗନରେ
ଅକୂଳେ ମାଇଲି କାତ ।
ଯେ ନାଅଁ ଜାଳିଲି ହିଆରେ
ସହସ୍ର ସାଗର ନୀର ଅଜାଡ଼ିଲେ
ନ ଲିଭି ବଢ଼ିବ କାୟାରେ ।

ଭାଷା, ଭାବ, ଛନ୍ଦର ମଧୁ-ମିଶ୍ରଣରେ ଏ ସଙ୍ଗୀତ କି ଗୌରବାନ୍ୱିତ ? ପ୍ରେମଚନ୍ଦ୍ରାମଣିର ପ୍ରତି ପୃଷ୍ଠା, ପ୍ରତି ପଦକ—ପଦକ ପଢ଼ି । ସ୍ୱର ସଂଯୋଜନାପୂର୍ବକ ମୁଁ ସେଗୁଡ଼ିକ ଦେଖିଛି, ଗାଇଛି—ଗୁଆଇଛି । ଏ ସଙ୍ଗୀତଗୁଡ଼ିକୁ ପୂର୍ବାଗ୍ରହୀମାନଙ୍କର ସଙ୍ଗୀତ ସହିତ ତୁଳନା କରିବାକୁ ଦ୍ୱିଧା ବୋଧହୁଏ ନାହିଁ । ନାୟିକବି ସେହି ପ୍ରେମଚନ୍ଦ୍ରାମଣିରେ ଚନ୍ଦ୍ରାମଣିଙ୍କ ପ୍ରେମବିହ୍ୱଳ ହୃଦୟ ଭିତରେ ପ୍ରବେଶ କରି କଣ ଗାଇଛନ୍ତି—

× × ×

ଜଣେ ଦେହ ଜଣେ ଦେହରେ ଜୀବନ
ଜଣେ ସ୍ନେହ ଜଣେ ସ୍ନେହରେ ମୋହନ
କେ କାହାର କେତେ କେ ପାରିବ କଳି
କେତକୀ ଦଳରୁ କେ ଚୋଟିବ ଝଳି
କପୂର ଦେହରୁ କେ ହରିବ ବାସ
ଗୋଲାପ ଲପନ୍ତୁ ଛଡାଇବ ହାସ ?

ସ୍ୱର ସହିତ ଏ ଗୀତଟି ଥରେ ମୋର ଜଣେ ବନ୍ଧୁଙ୍କ ଆଗେ ମୁଁ ମୋର ଗୋଟିଏ ଛାତ୍ରକୁ ଗୁଆଇଥିଲି । ବନ୍ଧୁଙ୍କ ଆଖିର ଦୁଇଧାର ଲୁହ ଏବେ ମଧ୍ୟ ମୋ ଆଖି ଆଗରେ ଢ଼ଳ ଢ଼ଳ ଦିଶୁଛି ।

ଅର୍ଚ୍ଚନାରେ ନାରୀ-କବିଙ୍କୁ ଦେଖନ୍ତୁ, ଏଥିରେ ସ୍ବୀୟ ମନୋଭାବର ଭଗବତ-ପ୍ରକାଶ, ଶାଳୀନତା, ନମ୍ରତା, ଭାଷାର ସହଜ ସରଳତା, ଶୈଳୀର ସ୍ବଚ୍ଛତା, ତଥା ସ୍ବର ସଂଯୋଜନା— ସମସ୍ତ ପ୍ରୀତିପ୍ରଦ। ଜାତୀୟତାର ଗୌରବ ରକ୍ତ ରଙ୍ଗରେ ଭାରତୀ ଏ ଖଣ୍ଡିକର ବହୁ ପୃଷ୍ଠା ରଞ୍ଜିତ କରିଅଛନ୍ତି। ପ୍ରାଣରୁ ତାଙ୍କର ବାହାରି ପଡ଼ୁଛି—

ଉଣା ଯେ ମୋଠାରୁ ନୁହେ ସେ ତ ସାନ,
ନ ଥାଉ ତାହାର ଧନ ସନମାନ,
ହେଉ ସେ ଚଣ୍ଡାଳ ଜଗତ-ଜଞ୍ଜାଳ
ଜାଗିବ ସ୍ନେହ ମୋ ପରାଣେ।"

ଦୂର୍ବାଦଳ କରରେ ଧରିନେ ଭାରତୀ ଦେବତାର ପବିତ୍ର ଚରଣତଳେ ଉଭାହୋଇ ଗାଇଛନ୍ତି—

ଲୋଡ଼ା ନାହିଁ ମୋର ମଣି ଭୂଷଣ ଗୋ
ସୁବାସେ ନୋହିବ ସଜ
ଲୋଡ଼ା ନାହିଁ ମୋର ବିଶ୍ବ ଐଶ୍ବର୍ଯ୍ୟ
ମାଗେ ମାଏ ପାଦ ରଜ।
ଲୋଡ଼ା ନାହିଁ ମୋର କୀରତି କେତନ
ଉଚ୍ଚ ସ୍ତବ ସ୍ତୁତି ଦାଣ୍ଡରେ
ମାଗେଁ ମାଏ ତବ କରତାପଣିଆ
ମୋର ହୃଦ-ଧରା ଖଣ୍ଡରେ।

ଗୀତଟିର ଚରଣଗୁଡ଼ିକୁ କୀର୍ତ୍ତନ ଛନ୍ଦରେ ଦେବ-ମନ୍ଦିରରେ ଭରି ପ୍ରାଣର ଆବେଗ ମୂର୍ଚ୍ଛନାରେ ଗାଇଲେ ଆଖି ଆଗରେ ଦିଶିଯାଏ, ଭାରତୀଙ୍କ ଆତ୍ମସମର୍ପଣଜନିତ ଅବନତ ତନ୍ମୁଲତାର ଫୁଟନ୍ତା କମଳ-ନୟନର ମୃଦୁ ବିକାଶ ଛବି।

ତାଙ୍କର ଜଳ୍ପାସୁ ତତ୍ତ୍ୱର "କମ୍ପା" ଦୀନତାର ଭାଷାରେ;—ସମସ୍ତେ ସଙ୍ଗୀତମୟ ପ୍ରାଣର ବିକାଶ ମାତ୍ର ।

ଭକ୍ତ ପ୍ରାଣର ଅଧିକାର ଓ ନିବେଦନ ଫୁଟିଛି—

ମୋର ବହିଯାଉ ଅଶ୍ରୁଧାର
ଅଭିମାନେ ଜଡ଼ି ପଡ଼ିଥିବି ପାଦେ
ଅଛି ସ୍ନେହ ଅଧିକାର ॥

ପାଠ ସୂତାରେ ସଜା ମୁକ୍ତା ଗୁଚ୍ଛା ଏହି ସଂଗୀତ ଭାବ-ସ୍ୱରମୟ ସଂଗୀତକୁ ଅନନ୍ୟସାଧାରଣ ବୋଲିଯାଇପାରେ । ଏତେ ସଂପଦ, ଏତେ ଗୌରବ କିନ୍ତୁ ସହଜ ନାହିଁ । ଓଡ଼ିଆର ଭାଗ୍ୟରେ ଚିରଦିନ ଏହିଭଳି ଖଣ୍ଡଚନ୍ଦ୍ରର ଉଦୟ ଦେଖାଯାଏ । ସଂଗୀତପ୍ରାଣା ଭାରତୀ ଦୂର ଦେଶକୁ ଯାଇଛନ୍ତି ଲୁଚି; ମୁହଁ ଲୁଚାଦେଇ ରହିଛନ୍ତି ଦେଖିବାକୁ ।

ଆମେ ମୋତିର ବାସ୍ତବ ଆଦର କରି ପାରୁଛୁ କି ନା, ଯେଉଁ ଦିନ ତାଙ୍କର ମୋତିରେ ହାର ଗୁନ୍ଥି ଘରେ ଘରେ ଆମ ଭାଇ-ଭଉଣୀ, ତାଙ୍କୁ ଇ ପିନ୍ଧେଇବାକୁ ଆଗ୍ରହ ଦେଖାଇପାରିବୁ, କୁନ୍ତଳା ସେଦିନ ପ୍ରତିଭାର କୋଟିଏ ମୂର୍ତ୍ତି ଧରି ଆମ ମଝିରେ ପୁଣି ଗାଇବେ, ସ୍ୱର୍ଗର ମହାସଙ୍ଗୀତ । ସଙ୍ଗୀତର ଲଳିତ ଛନ୍ଦର ଆହ୍ୱାନ ଦେବୀ ଉପେକ୍ଷା କରି ପାରିବେ ନାହିଁ—

ପ୍ରଭୁ, ସେ ସୁଦିନ ଦିଅନ୍ତୁ ।

# ସ୍ମୃତି ତର୍ପଣ

ଶ୍ରୀ ହରପ୍ରିୟା ଦେବୀ

ଉତ୍କଳର ଗଗନରେ
କାବ୍ୟ ତାରା
ସ୍ୱଦେଶ-ବରେଣ୍ୟା
ଉତ୍କଳର ନରନାରୀ
ପ୍ରାଣେ ଢାଳି
ସ୍ୱଦେଶ-ପ୍ରେରଣା ।
ମୁକ୍ତିର ସଂଗୀତ ଗାଇ
ପ୍ରାଣେ ପ୍ରାଣେ
ଜଗାଇ 'ଉଚ୍ଛ୍ୱାସ'
ପୀଡ଼ିତରେ ଦେଇଅଛ
ଅବିରତ
ଗଭୀର ଆଶ୍ୱାସ ।
ତରୁଣ ନୟନେ ଆଜି
ଖେଳାଏ 'ସ୍ଫୁଲିଙ୍ଗ'
ତୁମର ରଚନା
ତୁମର କବିତାରାଜି
ତରୁଣୀ ହୃଦୟେ
ଆଣେ ଉନ୍ମାଦନା ।

ସମାଜର ବକ୍ଷେ ଆଜି
ଆଣିଛୁ ଶୃଙ୍ଖଳ୍ୟ
'ରଘୁ-ଅରକ୍ଷିତ'
"ପ୍ରେମ-ଚିନ୍ତାମଣି" ତବ
ଶୁଣାଇଛୁ
ପ୍ରେମର ସଙ୍ଗୀତ ।
ବିଶ୍ୱରାଜ ପାଦତଳେ
ଦେଇ ଯାଇଅଛୁ
ଭକ୍ତର "ଅଞ୍ଜଳି"
"ଅର୍ଚ୍ଚନା"ର ଛନ୍ଦେ ଛନ୍ଦେ
ବିଶ୍ୱ-ପ୍ରେମ ତବ
ପଡ଼ୁଛି ଉଛୁଳି ।
କ୍ଷୁଦ୍ର ପୁସ୍ତିକାଟି ସେ ଯେ—
ଫୁଟାଇଛୁ ଆଜି
ସମାଜର "ଭ୍ରାନ୍ତି"
ଘରେ ଘରେ "କାଳିବୋହୂ"
ତବ ପଦାତଳେ
ଜଣାଇଛୁ ନତି ।
"ପରଶମଣି" ପରଶେ
ଉତ୍କଳ-ସାହିତ୍ୟ
ହୋଇଛୁ ଉଜ୍ଜ୍ୱଳ
ହେ ଭାରତ ! ତବ କୀର୍ତ୍ତି
ଉତ୍କଳ-ଗଗନେ
ଚିର ଉଜ୍ଜ୍ୱଳ ।

ଅୟି ଭାରତ-ନନ୍ଦନ
ଓଡ଼ିଆ ସାହିତ୍ୟେ
ଦେଇଛ ଯେ ଦାନ
ଯୁଗେ ଯୁଗେ ଯଶ ଗୀତ
ଗାଉଥିବ ତବ
ଓଡ଼ିଆର ପ୍ରାଣ ।
ଅଶ୍ରୁସିକ୍ତ ନେତ୍ରେ ଆଜ
ରୁଣ୍ଡ ତବ ଲାଗି
ମୁଗ୍ଧ ନରନାରୀ
ତୁମରି ଉଦ୍ଦେଶ୍ୟ ଦେଉଛି
ସ୍ନେହ ପ୍ରୀତି-ପୁଷ୍ପ
ଭକ୍ତିର ଅଞ୍ଜଳି ।
ଊର୍ଦ୍ଧ୍ୱଦେଶେ ଥାଇ ଆଜ
କର ଆଶୀର୍ବାଦ
ହେ କବି-ବରେଣ୍ୟ,
ତବ ମଙ୍ଗଳ ଉଦ୍ୟମ
ଜାଗୁ ଆମ୍ଭ ପ୍ରାଣେ,
ହେଉ ଆମ୍ଭେ ଧନ୍ୟ ।

# ବୀରାଙ୍ଗନା କବି କୁନ୍ତଳା ଦେବୀ

ଶ୍ରୀ ବୀରକିଶୋର ରାୟ, ଏମ. ଏ., ବି. ଏଲ୍.
ଆଡ୍‌ଭୋକେଟ ଜେନେରାଲ

କୁନ୍ତଳାକୁମାରୀ ଦେବୀ ମୋ ଦେଶର କବି । ତାଙ୍କୁ ପ୍ରତ୍ୟକ୍ଷ ଭାବରେ ମୁଁ ଚିହ୍ନି ନ ଥିଲି । ନିଜର ଜଟିଳ କର୍ମବ୍ୟସ୍ତ ଜୀବନରେ ତାଙ୍କର ଲେଖା, କଥା ଓ କବିତା ପଢ଼ିବାର ଆନନ୍ଦମୟ ଅବସର ଘଟି ନ ଥିଲା, ତଥାପି ତାଙ୍କର କୀର୍ତ୍ତିକାହାଣୀ ମୋତେ ଅବିଦିତ ନ ଥିଲା ।

ଖଣ୍ଡିଏ ପୁସ୍ତକ ପଢ଼ିଛି । ତହିଁରୁ ଜାଣିଛି, ତାଙ୍କ ଭିତରେ କି ଅମର ବସ୍ତୁ ବିଧାତା ସଞ୍ଚିତ ରଖିଥିଲେ । ଯଦି ସ୍ୱର୍ଗୀୟ ସୁମନ ଅକାଳେ ମଉଳି ଝରି ପଡ଼ି ନ ଥାନ୍ତା, ତେବେ ଏ ସଂସାର ଜାଣିଥାନ୍ତା, ତାହାର ଚହଟ କେତେ । 'ସ୍ଫୁଲିଙ୍ଗ' ପଢ଼ିଲା ବେଳେ ମୋ ପ୍ରାଣରେ ଗୋଟିଏ ଭରସାମୟ ଆଶ୍ୱାସନାର ଭାବ ଜାଗ୍ରତ ହେଉଥିଲା । କବି ମଣିଷ ଭାଇକୁ ଡାକି କହୁଛନ୍ତି—

"ଶୁଣ ହେ ମଣିଷ ଭାଇ !
ଝୁରି ମରିବାକୁ          ବୁଡ଼ି ମରିବାକୁ
ମଣିଷ ଜନମି ନାହିଁ ।
ଚିର ହତାଶ୍ୱାସେ ସାରିବ ସଂସାର, ନିରାଶେ ନିବିଡ଼ ଅନ୍ଧାରେ
ଚିର ଶୃଙ୍ଖଳିତ, ଲାଞ୍ଛିତ, ବଞ୍ଚିତ, ପୀଡ଼ିତ କଷଣ କାରାରେ,
ଏ ନୁହେଁ ମାନବ ନିୟତି
ଧ୍ୱଂସର ଯାତ୍ରୀ, ମୃତ୍ୟୁର ଯାତ୍ରୀ ନୁହେଁ ଏ ବିଶାଳ ଜଗତୀ ।

ଶୁଣ ହେ ମଣିଷ ଭାଇ,
ଅମୃତ ପାପ୍ତି ସନ୍ତାନ ତୁମେ ମରଣ ତୁମର କାହିଁ ?

X X X

ଧରଣୀ ଧୂଳିରେ
ଈଶ ସୃଷ୍ଟି ସାର ନର ଯିବ କି ମିଶି ରେ ?
ଏ କି ତାର ଶେଷ ?
ନୁହେଁ ନୁହେଁ ଅଛି ଭାଇ, ଜୀବନ ଅଶେଷ !

ଏ ମୃତ ଜାତିକୁ ଅମୃତର ବାଣୀ, ଭରସାର ବାଣୀ ନାସ୍ତିକଟି ଏକା ଶୁଣାଇ ପାରନ୍ତି । କାରଣ ପ୍ରକୃତିର ସମସ୍ତ ପ୍ରାଣର ଶକ୍ତି ନାସ୍ତି ଜାତିକୁ ଏ ଅଧିକାର ଦେଇଛି, ପୁରୁଷକୁ ନୁହେଁ । ଚିରଦିନ ଆମ ଜାତି ଅଦୃଷ୍ଟବାଦରେ ସଢ଼ି ଆସି ନାହିଁ । ମନୁଷ୍ୟ ଚିରଦିନ ସଂଗ୍ରାମ କରିଛି । ଜୀବନରେ ଏ ସଂଗ୍ରାମ ଯେ ସତ୍ୟ ଏବଂ ମାନବର ପାଇବା କର୍ତ୍ତବ୍ୟ, ଏ କଥା ଇତିପୂର୍ବେ କୌଣସି ଓଡ଼ିଆ କବି ଏଡ଼େ ସଜୀବ ଓ ନିର୍ଭୀକ ଭାବରେ ଜାତିକୁ ଶୁଣାଇଛନ୍ତି ବୋଲି ମୋର ମନେ ହୁଏ ନାହିଁ । କର୍ମ ଓ ଆଶାବାଦର କବି ସେଥିପାଇଁ କହୁଛନ୍ତି—

ବ୍ୟର୍ଥ ଏ ମାନବ ଦେହ ନ ଧରିଲି ଭବେ
ମାନବର ଆଶା ଯଦି ନ ପୂରିବ ଲବେ ।
ଜନମ ଜନମ ବୁଲି ଲଭିବି କି ଫଳ
ଅନ୍ଧ କର୍ମସୂତ୍ର ମାତ୍ର ଯଦି ତା ସମ୍ବଳ ।
ଦେବତ୍ୱ ମହତ୍ତ୍ୱ
ନାହିଁ ଯଦି ଜୀବନେ କେ ଗୁହେଁ ମାନବତ୍ୱ ?

ଏହି ଭାବ ପ୍ରତି ଓଡ଼ିଆଙ୍କର, ପୃଥିବୀର ପ୍ରତି ମନୁଷ୍ୟର ଚିରନ୍ତନ ଲକ୍ଷ୍ୟ ହେବ ।

କର୍ମଜଞ୍ଜାଳମୟ ଜୀବନରେ ଜାତୀୟ ଜୀବନୀକୁ ନିଜର ମହାନ୍ ଚିନ୍ତାରାଶି ଦ୍ୱାରା ଏହି ନାରୀକବି ସମୃଦ୍ଧ କରିଛନ୍ତି । "ସ୍ଫୁଲିଙ୍ଗ"ରେ ସେ ଯାହା ଲେଖିଛନ୍ତି, ତାହା ଯେପରି ସ୍ୱୟଂସମ୍ପୂର୍ଣ୍ଣ, ସେହିପରି ଅନବଦ୍ୟ ବୋଧ ହେଉଛି । ଆମ ଦେଶର ପ୍ରତ୍ୟେକ ଯୁବକ ଓ ଯୁବତୀଙ୍କୁ ମୁଁ ଅନୁରୋଧ କରୁଛି, ମାର୍କସ୍ ଲେନିନ୍‌ଙ୍କ ବହି ଓ ଆଧୁନିକ ବିପ୍ଳବପନ୍ଥୀ ସାହିତ୍ୟ ଓ ରାଜନୀତି ପାଠ କରିବା ଆଗରୁ ନିଜ ଦେଶର ଏହି ମହିମାମୟୀ ନାରୀକବିଙ୍କ ପୁସ୍ତକଗୁଡ଼ିକ ପାଠ କଲେ ସେମାନେ ଜୀବନରେ ନୂଆ ରାସ୍ତା, ନୂଆ ଲକ୍ଷ୍ୟ ଖୋଜି ପାଇବେ ଏବଂ ଜୀବନର ନୂଆ ଅର୍ଥ ମଧ୍ୟ ସେମାନେ ବୁଝିବେ । ଓଡ଼ିଶାର କବି ବୀରନାରୀ ବୋଲି ମୁଁ କୁନ୍ତଳା-କୁମାରୀଙ୍କୁ ମୋର ଅନ୍ତରର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ତାହାଙ୍କର ରଚନା ଓଡ଼ିଆର ପ୍ରତି ଗୃହରେ ପଠିତ ହେଉ ବୋଲି ମୁଁ କାମନା କରେ । ଓଡ଼ିଶାର ଦୁର୍ଭାଗ୍ୟ, ଜାତି ତାଙ୍କର ଅମର ଦାନରୁ ଆଜି ଅକସ୍ମାତ୍ ବଞ୍ଚିତ ହୋଇଛି ସତ; କିନ୍ତୁ ସେହି ବୀରବାଳାଙ୍କ ଚିନ୍ତା ଓ ଆଦର୍ଶରେ ଅନୁପ୍ରେରଣା ଲଭ କରି ଯଦି ତାଙ୍କର ଦେଶବାସୀ ଯଥା-ସାଧ୍ୟ ନିଜ ନିଜର ଜୀବନରେ ତାହା ପାଳନ କରନ୍ତି, ତେବେ ଯାଇଁ ତାଙ୍କ ଲେଖନୀ ସାର୍ଥକ ହେଲା ବୋଲି ଜଣାଯିବ । ତାହାଙ୍କର ସ୍ୱର୍ଗତ ଆତ୍ମା ପ୍ରତି ଜାତିର ଶ୍ରଦ୍ଧା-ନିବେଦନ କେବଳ ଏହାରି ଦ୍ୱାରା ସମ୍ଭବପର ।

# ଶ୍ରଦ୍ଧାଞ୍ଜଳି

ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ, ବି. ଏ.

କୁନ୍ତଳାକୁମାରୀଙ୍କ ଦ୍ୱିତୀୟ ମୃତ୍ୟୁବାର୍ଷିକୀ ଆଜି ସମୁପସ୍ଥିତ । ବିଲାତର ଇତିହାସରେ କୁମାରୀ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ଓ ଫ୍ରାନ୍ସର ଇତିହାସରେ ଜୋଆନ୍ ଡି ଆର୍କଙ୍କ ସ୍ଥାନ ଅପେକ୍ଷା ଉତ୍କଳର ଇତିହାସରେ କୁନ୍ତଳାକୁମାରୀଙ୍କ ସ୍ଥାନ ଉଚ୍ଚରେ ବୋଲି ମୋର ମତ । କାରଣ ସେ ଦୁହିଁଙ୍କ ମଧ୍ୟରୁ କେହି କବି ନ ଥିବା ସ୍ଥଳେ ଆମ୍ଭମାନଙ୍କ ବରେଣ୍ୟା କୁନ୍ତଳା ଭଗବତୀ ଭାରତୀଙ୍କର ଜଣେ ପରମାନୁଗୃହୀତା ତନୟା । କବି-ଯଶଃ ଦ୍ୱାରା ତାଙ୍କର ଅନ୍ୟାନ୍ୟ ଯଶଃ ମ୍ଳାନ ହୋଇ ପଡ଼ିଅଛି । ବସ୍ତୁତଃ କୁନ୍ତଳାକୁମାରୀ କହିଲେ କବି କୁନ୍ତଳାକୁମାରୀଙ୍କୁ ହିଁ ବୁଝାଇଥାଏ । ଜନ-ସେବିକା, ଦେଶ-ସେବିକା ଓ ଉପାସିକା କୁନ୍ତଳାକୁମାରୀଙ୍କୁ ଦେଖିବାକୁ ହେଲେ ଆମ୍ଭମାନଙ୍କୁ ତାଙ୍କ କବିତା ରୂପ ଗାଢ଼ ଅବଗୁଣ୍ଠନ ଟେକି ଚାହିଁବାକୁ ପଡ଼ିଥାଏ ।

କୁନ୍ତଳାକୁମାରୀ ବ୍ୟବସାୟ ସୂତ୍ରରେ ଜନସେବିକା; କିନ୍ତୁ ଭଗବଦ୍ଦତ୍ତ ପ୍ରେରଣାର ତାଡ଼ନାରେ କବି ଓ ଦେଶ-ସେବିକା । ତାଙ୍କ କବିତାବଳୀକୁ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ କରିବାକୁ ହୋଇଥାଏ । ତାଙ୍କର ଏକ ଭାଗ କବିତା ବିମଳ ବିଶ୍ୱ ପ୍ରେମ ରୂପ ମନ୍ଦାକିନୀର ସ୍ୱଚ୍ଛ ଶୀକର ଏବଂ ଅପର ଭାଗ ଜ୍ୱଳନ୍ତ ଦେଶ-ପ୍ରୀତିର

ଧାତ୍ରୀ ସ୍ଫୁଲିଙ୍ଗ । ତାଙ୍କ ଚିତ୍ର ଲେଖାବଳୀ ତାଙ୍କ ଭାବନାଧାରାର ମନୋଜ୍ଞ ମୁକୁର । ତାଙ୍କ ତୁଳ୍ୟା ପ୍ରତିଭାଶାଳିନୀ ଆଦର୍ଶବାଦିନୀ ମହୀୟସୀ ମହିଳା ଯେ କୌଣସି ଦେଶର ଗର୍ବ ଓ ଗୌରବ । ଉତ୍କଳ ତାଙ୍କୁ ଅକାଳରେ ହରାଇ ଦରିଦ୍ର ହୋଇଅଛି । କିନ୍ତୁ ସେ ମରି ମଧ୍ୟ ଅମର । ତାଙ୍କ ମୃଣ୍ମୟ ଶରୀରକୁ ଦିଲ୍ଲୀର ଶ୍ମଶାନ ଗ୍ରାସ କରିଥିଲେ ସୁଦ୍ଧା ଯଶୋଦେହରେ ସେ ଚିରକାଳକୁ ଅସ୍ପୃଷ୍ଟା ହୋଇ ରହିଅଛନ୍ତି । ତାଙ୍କ ପୁଣ୍ୟ ସ୍ମୃତି ଉଦ୍ଦେଶ୍ୟରେ ମୁଁ ଆଜି ଶ୍ରଦ୍ଧାଞ୍ଜଳି ଦେବାର ସୁଯୋଗ ପାଇ ନିଜକୁ କୃତାର୍ଥ ମନେ କରୁଅଛି ।

ତାଙ୍କ କବିତା ଓ ଉପନ୍ୟାସାଦିରେ ସେ ଏ ଦେଶକୁ ଅକ୍ଷୟ ବିଭବର ଉତ୍ତରାଧିକାରୀ କରି ଯାଇଅଛନ୍ତି । ଏ ଦେଶକୁ ସେ ଦେଇ ଯାଇଅଛନ୍ତି, ଉତ୍କୃଷ୍ଟ ଆଦର୍ଶବାଦ, ପ୍ରଶାନ୍ତ ବନ୍ଧୁ-ପ୍ରେମ ଓ ମୁଖର ମୁକ୍ତି-ବୁଭୁକ୍ଷା । ସେ ଆଦର୍ଶବାଦୀର ଆଦର୍ଶ, ଭକ୍ତର ଗୁରୁ ଓ ସ୍ୱାଧୀନତାକାମୀର ନେତ୍ରୀ । ଉତ୍କଳୀୟ ନବଯୁଗ ଉଷାର ସେ ପୂର୍ବ-ଗାମିନୀ ପ୍ରଭାତୀ ତାରା ।

ଉତ୍କଳୀୟ ପୁରାତନ କବିଗୁରୁମାନଙ୍କ ଭାଷାର ଋଦ୍ଧି କୁନ୍ତଳା-କୁମାରୀଙ୍କ କବିତାରେ ନାହିଁ ସତ୍ୟ, ତଥାପି ଉତ୍କଳର ନବଯୁଗୋପଯୋଗୀ ପ୍ରୟୋଜନ ମେଣ୍ଟାଇବା ନିମନ୍ତେ ଯେଉଁ ସରଳ ତରଳ ଭାଷା ସେ ଆବଶ୍ୟକ ମନେ କରିଥିଲେ, ବଳିଷ୍ଠତାରେ ତାହା କେଉଁଠି ନ୍ୟୂନ ହୋଇ ନାହିଁ । ତାଙ୍କ ସରଳ ଭାଷାଯୋଗୁଁ ଦେଶର ଆପାମର ସାଧାରଣ ତାଙ୍କ କବିତାର ସ୍ୱାଦ ଉପଭୋଗ କରିବାକୁ କ୍ଷମ ହୋଇଅଛନ୍ତି । ବସନ୍ତକୋକିଳର କଳଗୀତଧାରା ରୂପ ଦିବ୍ୟ କବିତାବଳୀରେ କୁନ୍ତଳାକୁମାରୀ ଉତ୍କଳଭାରତୀ-କୁଞ୍ଜକୁ ଚିର-ମୁଖର କରିଯାଇଅଛନ୍ତି ।

ନିପୀଡ଼ିତ ଉତ୍କଳ ଜନତାର ମୂକ ବ୍ୟଥା ମୁଖରେ ସେ ଭାଷା ଫୁଟାଇଅଛନ୍ତି ଏବଂ ଏ ଦେଶର ସ୍ୱାଧୀନତାକାଙ୍କ୍ଷାକୁ ବଜ୍ରଦୃଢ଼ ଭାଷାରେ ବ୍ୟକ୍ତ କରିଅଛନ୍ତି, ଅଥଚ ଏ ଦେଶର ଆଦର୍ଶ ଯେ କେବଳ ଭୌତିକତାରେ ଆବଦ୍ଧ, ଏହା ସେ କ୍ୱଚାପି ସ୍ୱୀକାର କରିନାହାନ୍ତି। ଏ ଦେଶର ଆଧ୍ୟାତ୍ମ୍ୟ ଐତିହ୍ୟ ( Spiritual, tradition ) ର କୁନ୍ତଳାକୁମାରୀ ଜଣେ ପ୍ରକୃଷ୍ଟ ପ୍ରତିନିଧି । ଏ ଦେଶର ଆଧ୍ୟାତ୍ମ୍ୟ ଗୁରୁମାନଙ୍କ ମଧ୍ୟରେ ସେ ଅନ୍ୟତମା ।

# ଜାତୀୟ କବି

ଶ୍ରୀ କୁଞ୍ଜବିହାରୀ ଦାଶ ବି. ଏ.

ଜର ଧଗ-ରାଣୀ ! କର ଗୋ ଶଙ୍ଖ ରୋଳ
ଗଗନ ପବନ ମୁକ୍ତି-କେତନ ତୋଳ ।
ଧାଅ ଧାଅ ନଦୀ ମଙ୍ଗଳ ହୁଳହୁଳି,
ଗାଅ ରେ ବଜ୍ର, ବାଅ ରେ ଝଞ୍ଜା ରୁଦ୍ର ସମର ତୂରୀ
ଜାଳ ରେ ଅଗ୍ନି-କଣା,
ଜାତୀୟ କବିର ଦୀକ୍ଷା ନେଇଚ ନ କର ନ କର ମନା ।

ଭାଙ୍ଗ ଲୋ ନାରୀ ! ଭାଙ୍ଗ ପରଦା-କାରା
ସଂକେତ ତୋତେ ଦେଇଚି ଆକାଶ ତାରା
ଦୁର୍ଗାବତୀ ସେ ଶିଖାଇଚି ତୋତେ ରଣ
ଲୁଣ୍ଠ ସେଇ ରଣ କର ଗୋ ଲକ୍ଷ୍ମୀ ! ଜାତୀୟ ମୁକ୍ତିପଣ ।

ଆରେ ଗଡଜାତ ପ୍ରଜା
ଆଜି ଏ ଦିବସେ ମୁକ୍ତିକଠୋର ଅନ୍ତରଶାତଳ ପଜା ।
ପୋଛ ରେ ପ୍ରବାସୀ ଦଗ୍ଧ ଜୀବନ ଲୁହ
ଗ୍ରୁ ବଗିଗ୍ରୁରେ କଷଣ ସହିଚ ବହୁ ।
ଦୂର ବିଦେଶର ପଙ୍କେ ପଡିଚ ଲୋଟି,
ଲାଞ୍ଛନା-ଖୁରେ ପୁଞ୍ଜିବାଦ ଯେ ଚିପୁଚି ତୁମର ତୋଟି ।
ଟେକ ତୋ ଅତୀତ ଧ୍ୱଜା,
ନାରୀ-କବି ଡାକେ ଟେରିଁ ଉଠିବ ରେ ପୁଣି ତୋ ମାଟିର ରଜା !!

ଯାହାରଙ୍କ ସେ କବି ଭାଷା ତା କରିଛି ଶେଷ
ତା ବିୟୋଗେ ଆଜି ନିରାଶ ନ ହୁଅ ଲେଶ
ଚଉଧରେ ଠେକୁ କର୍ମ୍ମ ଅନଳ-ଶିଖା
ଜ୍ୱଳ ଗଜପତି ସିଂହବାହିନୀ ମାର ଭାଲେ ଜୟ-ଟିକା ।
ପୂଜ ରେ ପ୍ରତିଭା ଦେବୀ
ଭୁଜରେ ଭରିବେ ରୁଦ୍ର ଶକତି ଓଡ଼ିଶା ଗୁନ୍ଦବାବ ।

ନାହିଁ ସେ ବିଜୁଳି ମିଶିଛି ମୃତ୍ୟୁ ଘନେ
ଫେରିଛି ଭାରତୀ ନନ୍ଦନ ଆଶ୍ରମେ ।
ତା ଲାଗି ଏ ଜାତି ପାଇଛି ବିଦେଶେ ଶିକ୍ଷା
ଜଳାଇ ସଞ୍ଜ ଆଧୁନିକ ହାତେ ଦେଇଛି ମୁକ୍ତି-ବାଣୀ ।
ତୋଳ ହେ ଶ୍ରଦ୍ଧାଞ୍ଜଳି
ଦେବୀର ଆଶିଷ କାରଣେ ଫୁଟି ହେ ଜାତୀୟ-ଜୀବନ କଳି ।

# ଉତ୍କଳ-ଭାରତୀ

ଶ୍ରୀ ଅନନ୍ତପ୍ରସାଦ ପଣ୍ଡା, ଦ୍ୱା. ୪.

କୁନ୍ତଳାକୁମାରୀଙ୍କୁ ଜୀବନରେ ମୁଁ କେବେ ଦେଖି ନାହିଁ ; କିନ୍ତୁ ତାଙ୍କର ଲେଖା ପଢ଼ି ତାଙ୍କୁ ଦେଖିଥିଲି କଳ୍ପନା ନେତ୍ରରେ ଏକ ଆଦର୍ଶପ୍ରାଣା ଲେଖିକା ଭାବରେ । ଏକ ଆଦର୍ଶର ପଛରେ ଧାବିତା ହୋଇ ସେ ତାଙ୍କର ଜନ୍ମଗତ ସଂସ୍କାରକୁ ଦୂରରେ ନିକ୍ଷେପ କରି ପୁଣି ସେଇ ଆର୍ଯ୍ୟସଂସ୍କୃତିକୁ ପ୍ରାଣରେ ବରଣ କରି ନେଇଥିଲେ । ତାଙ୍କ ଲେଖାର ପ୍ରତ୍ୟେକ ସ୍ତରରେ ତାଙ୍କର ଦୃଢ଼ ମନ ଓ ଆଦର୍ଶ ଯେପରି ଫୁଟି ବାହାରି ପଡ଼େ । ସାଧାରଣତଃ ଦେଖାଯାଏ ଯେ, ଯେଉଁ ସ୍ତ୍ରୀଲୋକମାନେ ଟିକିଏ ଆଧୁନିକ ଧରଣର ଲେଖା ପଢ଼ା ଶିଖନ୍ତି, ସେମାନେ ନାରୀତ୍ୱର ଗୌରବକୁ ଜଳାଞ୍ଜଳି ଦେଇ ପୁରୁଷ ପରି ସ୍ୱାଧୀନ ଜୀବନ-ଯାତ୍ରା ନିର୍ବାହ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ କୁନ୍ତଳାକୁମାରୀ ସେପରି କରି ନ ଥିଲେ । ଖ୍ରୀଷ୍ଟାନ ପରିବାରରେ ତାଙ୍କର ଜନ୍ମ ହୋଇଥିଲା ସତ, ଆଧୁନିକ ଶିକ୍ଷା ଦୀକ୍ଷାର ଆଲୋକ ସେ ଯଥେଷ୍ଟ ପାଇଥିଲେ ସତ; ତଥାପି ସେ ନାରୀ-ଜୀବନର ଚିର-କାମ୍ୟ ପତ୍ନୀତ୍ୱ ଓ ମାତୃତ୍ୱର ଗୌରବକୁ ଜୀବନରୁ ଛାଡ଼ିଦେଇ ନ ଥିଲେ ।

ଲବ୍‌ଧପ୍ରତିଷ୍ଠା ଲେଖିକା ଭାବରେ, କର୍ମପ୍ରବଣା ସୁଦକ୍ଷା ଲେଡ଼ୀ ଡ଼ାକ୍ତର ଭାବରେ ସେ ଯଥେଷ୍ଟ ଖ୍ୟାତି ଓ ଅର୍ଥ ଉପାର୍ଜନ କରି ପାରି-ଥିଲେ ସତ; କିନ୍ତୁ ଆଦର୍ଶ ପତ୍ନୀ ଓ ଆଦର୍ଶ ମାତା ଭାବରେ ସେ କିମ ଖ୍ୟାତି ଲାଭ କରି ନାହାନ୍ତି । ଶେଷରେ ସେଇ ମାତୃତ୍ୱର ଗୌରବ ପାଇଁ ସେ ହସି ହସି ଆତ୍ମବଳି ଦେଇଥିଲେ । ସେ ଯେ ଜଣେ ମହାପୁରୁଷର ଜନନୀ ହେବେ, ଏଇ ଧାରଣା ବା ଆଶା ତାଙ୍କୁ ପାଗଳିନୀ କରିଥିଲା ।

କେବଳ ଉତ୍କଳରେ ନୁହେ, ସାରା ଭାରତରେ କୁନ୍ତଳାକୁମାରୀଙ୍କର ବିପୁଳ ଯଶ ବ୍ୟାପ୍ତ ହୋଇପାରିଥିଲା । ସେ ଯେ ସୁଲେଖିକା ଭାବରେ ଖାଲି ଉତ୍କଳର ଶିକ୍ଷିତ ସମାଜରେ ପରିଚିତା, ତା ନୁହେ— ଭାରତର ରାଷ୍ଟ୍ରଭାଷା ହିନ୍ଦି ସାହିତ୍ୟରେ ମଧ୍ୟ ସେ ଖୁବ୍ ନାମ କରିପାରିଥିଲେ ।

ଭାରତର ଐତିହାସିକ ରାଜଧାନୀ ଦିଲ୍ଲୀ ନଗରୀରେ ସେ ସ୍ଥାପନ କରିଥିଲେ—"ଭାରତୀ ତପୋବନ ସଂଘ" ଓ ସେ ତପୋବନ ସତତ ମୁଖରିତ ହେଉଥିଲା ଉତ୍କଳ-ଭାରତୀଙ୍କର ବିପଞ୍ଚି ସ୍ୱନରେ ।

ଆଜି ସେ ସ୍ୱନ ଚିରଦିନ ପାଇଁ ନୀରବ ହୋଇଛି—"ଉତ୍କଳ-ଭାରତୀ" ଆଉ ନାହାନ୍ତି । ତାଙ୍କର ତପୋବନ ଭାଙ୍ଗିଯାଇଛି, ବିପଞ୍ଚି ତାର ଛିଣ୍ଡିଯାଇଛି; କିନ୍ତୁ ସେ ବିପଞ୍ଚି ସ୍ୱରର ଝଙ୍କାର ଏବେ ସୁଦ୍ଧା ଉତ୍କଳର ପୁରପଲ୍ଲୀରେ, କାନ୍ତାର କନ୍ଦରରେ, ମଳୟର ହିଲ୍ଲୋଳରେ ଭାସି ଭାସି ବୁଲୁଛି !!

ଆଜି ଉତ୍କଳର ଶତ ଶତ ଯୁବକ ଯୁବତୀ ଧାଇଁଛନ୍ତି ସେ ସ୍ୱନର ଝଙ୍କାରକୁ ପୁଣି ସଜୀବ କରିବା ପାଇଁ । ଚିରବନ୍ୟା-ଦୁର୍ଭିକ୍ଷ ପ୍ରପୀଡ଼ିତ ଉତ୍କଳର ମରୁ ପ୍ରାନ୍ତରରେ ପୁଣି ସେଇ ଉତ୍କଳ-ଭାରତୀଙ୍କର କଳ୍ପିତ ତପୋବନର ନନ୍ଦନ ଶିରୀ ଫୁଟିଉଠୁ । ଉତ୍କଳବାସୀଙ୍କର ଅନାହାରକ୍ଳିଷ୍ଟ ମୁମୂର୍ଷୁ ପ୍ରାଣରେ ସେ ସ୍ୱରର ଝଙ୍କାର ଏକ ନୂଆ ସ୍ପନ୍ଦନ ସଞ୍ଚାର କରୁ । ଉତ୍କଳର ପୁର ପଲ୍ଲୀ ପୁଣି ଭାରତୀଙ୍କର ବିପଞ୍ଚି ନିନାଦରେ ମୁଖରିତ ହୋଇଉଠୁ, ଏତିକି ମୋର କାମନା । ଅମର ଧାମରୁ ଉତ୍କଳ ଭାରତୀଙ୍କର ଅମର ଆଶିଷର ଧାରା ଉତ୍କଳର ନବୀନ ଲେଖକ ଲେଖିକାଙ୍କର ମସ୍ତକ ଉପରେ ଝରିପଡୁ ।

# ଭାରତୀ-ତର୍ପଣ

ଶ୍ରୀ ଲତିକା ଦେବୀ

Poets are all, who pove, who feel great truth and tell them and the truth of truth is love.
—Bailey

ଉତ୍କଳ-ଭାରତୀ କୁନ୍ତଳାକୁମାରୀଙ୍କ ବିଷୟରେ ନିଜର ପ୍ରାଣର ଭାବ ବ୍ୟକ୍ତ କରିବା ସାମାନ୍ୟ ଯୋଗ୍ୟତାର କଥା ନୁହେଁ । ବ୍ୟକ୍ତିଗତ ଭାବରେ ହେଉ ଅବା କବିଙ୍କ ବାଣୀଦ୍ୱାରା ହେଉ, ତାଙ୍କ ବ୍ୟକ୍ତିତ୍ୱ ଅନୁଭବ କରି ପାରିବାର ଶକ୍ତି ନ ଥିଲେ, ତାଙ୍କ ସମ୍ବନ୍ଧରେ ଲେଖିବାକୁ ଯିବା ତାଙ୍କ ପ୍ରତି ଅବମାନନା ବୋଲି ମୋର ମନେ ହୁଏ । ସେଥିଲାଗି ତାଙ୍କ ସମ୍ବନ୍ଧରେ ଲେଖନୀ ଉଠାଇବାକୁ ଯାଇ ମନେ ହେଉଛି, ସେହି ମହୀୟସୀ ନାରୀଙ୍କ ପ୍ରତି ଅସମ୍ମାନ କରି ପକାଉଛି କି !

ଜୀବନରେ ତାଙ୍କର ଅନୁଭୂତି ଥିଲା ସର୍ବତୋମୁଖୀ । କବିତାରେ ସେ ମନୁଷ୍ୟ ଜୀବନ ସହିତ ପ୍ରକୃତିର ଅଖଣ୍ଡ ଯୋଗ ସାଧନ କରି ତାହାର ଲକ୍ଷ୍ୟକୁ ଅତି ଉଚ୍ଚ କରି ଦେଇଅଛନ୍ତି । ସେ ଥିଲେ ଦେଶ-ମାତୃକାର ଗୁରଣୀ । ଦେଶ ତାଙ୍କ ସମ୍ମୁଖରେ କେବଳ ନଦୀ ପର୍ବତ, ବନ ପ୍ରାନ୍ତର, ଗ୍ରହ ନକ୍ଷତ୍ର, ଆକାଶ ସମୁଦ୍ରରେ ସୀମାବଦ୍ଧ ନୁହେଁ କିମ୍ବା ଧନଦୌଲତରେ ପରିବଦ୍ଧ ନୁହେଁ । ଦେଶ-ଜନନୀକୁ ସେ ଦେଖିଛନ୍ତି ରକ୍ତମାଂସ, ଅସ୍ଥିଚର୍ମନିର୍ମିତ ଶରୀରିଣୀ ରୂପରେ । ଦେଶ ଜନନୀର ଆତ୍ମାକୁ ସେ ଯେପରି ଅନୁଭବ କରିଛନ୍ତି, ଉତ୍କଳରେ

କଣି, ମୋର ମନେ ହୁଏ, କେବଳ ବଙ୍ଗଦେଶର କେତେକ କବିଙ୍କୁ ଛାଡ଼ିଦେଲେ ଭାରତବର୍ଷରେ ଯେତେଗୁଡ଼ିଏ ପ୍ରଦେଶ ଅଛି, କେଉଁଠାରେ କବିମାନେ ଆମ କବିଙ୍କ ଭଳି ଦେଶ 'ମା'କୁ ଓ ତାହାର ଆତ୍ମାକୁ ଅନୁଭବ କରି ସାହିତ୍ୟ-କଳାରେ ତାହାକୁ ଏପରି ରୂପ ଦାନ କରି ନାହାନ୍ତି । ଓଡ଼ିଶା କେବଳ ନୁହେଁ, ସେ ଭାରତବର୍ଷର ଜାତୀୟ କବି । ତାଙ୍କର ଲେଖା କେବଳ ଓଡ଼ିଶାର ଭୌଗୋଳିକ ଓ ଐତିହାସିକ ଅତୀତରେ ଆବଦ୍ଧ ନୁହେ, ସମସ୍ତ ଭାରତଜନନୀ ତାଙ୍କର ପ୍ରତିଭାକୁ ଅନୁପ୍ରେରଣା ଦାନ କରିଅଛି । ସୁତରାଂ ସେ ଆମର ଏ ଯୁଗର ଜାତୀୟ କବି ଏବଂ ଅନ୍ୟତମ କବି ନୁହନ୍ତି, ଏକମାତ୍ର କବି ବୋଲି ସ୍ୱୀକାର ନ କଲେ ସତ୍ୟର ଅପଳାପ ହେବ । ତାଙ୍କର ଜାତୀୟ କବିତା ଉତ୍କଳର ଗଗନ ପବନରେ ଝଙ୍କୃତ ହେବ ବୋଲି ଭରସା-ପୂର୍ଣ୍ଣ ଚକ୍ଷୁରେ ଚାହିଁ ରହିଛି । ବ୍ୟକ୍ତିଗତ ଭାବରେ ଭାରତୀ ଯେ ଶିକ୍ଷା ଆମ୍ଭମାନଙ୍କୁ ଦେଇଅଛନ୍ତି, ତାହା ଯେପରି ଜୀବନ୍ତ, ସେହିପରି ସତ୍ୟ । ରସାଳ ଦ୍ରୁମକୁ ଲକ୍ଷ୍ୟ କରି କବି ଆମ୍ଭମାନଙ୍କୁ ଶିକ୍ଷା ଦେଉଛନ୍ତି:—

"ରେ ରସାଳ ଦ୍ରୁମ, ଶିଖାଅ ହେବି ତୋ ସମ
ସୁବିନୀତ ନମ୍ର ମନ;
ଅକାତରେ ଭବ ସେବା ଯାଉଥିବି କରି
ମୋ କ୍ଷୁଦ୍ର ଆୟାସେ ବହୁ କ୍ଲେଶ ନେବି ହରି
ପ୍ରତିଦାନ ବିନା ହିତ କରିବି ତୋ ପରି ।"

ଏହା କବି-ଜନୋଚିତ, ଋଷି-ଜନୋଚିତ, ସାଧୁ-ଜନୋଚିତ ହୋଇଛି । ଦେଶର ଦଶର ସେବା କରି ମନୁଷ୍ୟ ମନରେ ଯେ ସ୍ୱାଭାବିକ ଅହଙ୍କାର ଓ ପ୍ରତିଦାନର ସ୍ପୃହା ଜାତ

ହୁଏ, ତାହା ଯେ ମନୁଷ୍ୟଙ୍କୁ ପଶୁସ୍ତରକୁ ନେଇ ହେୟ କରିଦିଏ, ଏ କଥା କବି ବୁଝିଥିଲେ । ଏହି ସେବାର ଅଭିମାନରୁ ଦୂରକୁ ଯିବା କର୍ତ୍ତବ୍ୟ ଏବଂ ତାହା କରିବାର ଏକମାତ୍ର ଉପାୟ ହେଉଛି, ସେବା ବା ସ୍ନେହର ପ୍ରତିଦାନ ବାଞ୍ଛା ନ କରିବା । ଏହି ଆଦର୍ଶରେ ସମସ୍ତ ଜାତି ଗଠନ ହେବାହିଁ ଯଥାର୍ଥ; ତାହା କବି କହିଛନ୍ତି ।

ମନୁଷ୍ୟ ପତନଶୀଳ ଜୀବ । ପ୍ରତି ପଦକ୍ଷେପରେ ପ୍ରକୃତିର ବିଧାନରେ ତାହାର ପତନ ହେଉଅଛି । ଏଥିପାଇଁ ସେ ମନୁଷ୍ୟ-ସମାଜ ସମ୍ମୁଖରେ ନିଷ୍କାମ କର୍ମ ଓ ସଂଗ୍ରାମର ଆଦର୍ଶ ଥୋଇଛନ୍ତି । ମନୁଷ୍ୟ ପତନରୁ ଉଠିବାକୁ ବରାବର ଚେଷ୍ଟା କରିବ । ବାଧା-ବିଘ୍ନକୁ ଖାତିର ନ କରି କର୍ତ୍ତବ୍ୟ କର୍ମ କରିଯିବ ଏବଂ ଏହି କର୍ମ-ଫଳ ଶ୍ରୀ ଭଗବାନଙ୍କ ଚରଣରେ ଅର୍ପଣ କରିବ । ଏହାର ପ୍ରଧାନ ଏବଂ ପ୍ରଥମ ଉପାୟ ହେଉଛି, ଅହମିକାକୁ ଚୂର୍ଣ୍ଣ କରିବାକୁ ହେବ ।

ଶ୍ରୀମଦ୍‌ଭଗବଦ୍‌ଗୀତାରେ ଶ୍ରୀକୃଷ୍ଣ ଅର୍ଜ୍ଜୁନ ସଖାଙ୍କୁ ମଧ୍ୟ ଏହି ଉପଦେଶ ଦେଇଥିଲେ । କବି କହିଛନ୍ତି—

"ଜାଣେ ମୋର ହେବ ନିଶ୍ଚୟ ପତନ
ଲଭି ଦୁଃଖ କେତେ କରିବି ଯତନ ।
ଉଠିପଡ଼ି ମୁହିଁ ଧାଇଁବି ଏକାଗ୍ରେ
ପର୍ବତ ସମାନ ବିଘ୍ନ ଆସୁ ଅଗ୍ରେ ।
ଅବହେଳି ତାହା ଦଳି ପଦତଳେ
ଧାଇଁ ଯିବି ପ୍ରଭୁ ଶୁଭାଶିଷ ବଳେ ,
ସମର୍ପି ହୃଦୟ ମନ
ପାଦପଦ୍ମ ତଳେ ଅନନ୍ତ ବିଶ୍ୱାସେ
ତେଜିବି ତୁଚ୍ଛ ଅହଂଜ୍ଞାନ ।"

ଏହି କର୍ତ୍ତବ୍ୟପରାୟଣତା ଗୁଣରେ ଚନ୍ଦ୍ରଙ୍କୁ ଉଦାହରଣ ଦେଇ କହୁଛନ୍ତି—

"ଚନ୍ଦ୍ର, ଅନ୍ତରେ ତାହାର ଶୁଣେ ମଧୁସ୍ୱର
କର୍ତ୍ତବ୍ୟ କାରଣେ ଡାକେ ନିରନ୍ତର ।
କର୍ତ୍ତବ୍ୟରେ ସୁଖ କହେ ନିତି ମୋତେ
କର୍ତ୍ତବ୍ୟ, କର୍ତ୍ତବ୍ୟ ବୁଝିବ କେମନ୍ତେ ?
ସୁସମୟେ ଉଦ ଅମ୍ବରେ ଜଣାଉ
କର୍ତ୍ତବ୍ୟରେ ସୁଖ ମୋର ।"

ଜୀବନ ଅନିତ୍ୟ । ପୃଥିବୀ ଅନିତ୍ୟ । ଉଦ୍ୟାନର କ୍ଷୁଦ୍ର ପୁଷ୍ପ ବି ଅନିତ୍ୟ । କିନ୍ତୁ ଏହି ଅନିତ୍ୟତା ଭିତରେ ବିଭୁଙ୍କର ଲୀଳା ରହସ୍ୟ ରହିଛି—ଅନିତ୍ୟ ମଧ୍ୟରେ ନିତ୍ୟ ପଦାର୍ଥ ରହିଛି । କବି ଅସତ୍ୟ ଭିତରେ ସତ୍ୟର ଆଭାସ ପାଇଛନ୍ତି ଏବଂ କ୍ଷଣିକ ମଧ୍ୟରେ ଅନନ୍ତର ସୀମାହୀନ ବିକାଶ ଅନୁଭବ କରିଛନ୍ତି । ମାନବ ଏବଂ ପ୍ରକୃତିର ଚିର-ବିକାଶ ପାର୍ଥିବ ଜଗତରେ ଯେତେ ତୁଚ୍ଛ ଏବଂ ଅନିତ୍ୟ ହେଉ ପଛକେ, ବିଶ୍ୱର ଚିରନ୍ତନ ସତ୍ୟରେ ଯେ ତାହାର ସ୍ଥାନ ରହିଅଛି । ଆତ୍ମା ଯେ ନଶ୍ୱର ନୁହେଁ ଅମର—ହିନ୍ଦୁର ଏ ଦାର୍ଶନିକ ସତ୍ୟ କୁନ୍ତଳା ଦେବୀ ନିଜ ଜୀବନରେ ଉପଲବ୍‌ଧି କରିଥିଲେ । ଜୀବନରେ ଆଶା-ବାଦମୀ—ତତ୍ତ୍ୱଦର୍ଶିନୀ କବି ଭାରତୀ ପୁଷ୍ପକୁ ଲକ୍ଷ୍ୟ କରି କହୁଛନ୍ତି—

"ଶେଫାଳି—
ତୋହର ପରି କ୍ଷୁଦ୍ର, ମୁହିଁ ତୋହ ପରି କ୍ଷଣିକ
ହସେ, ବାସେ, ରସେ ମାତ୍ର ଫୁଟିଅଛୁ ଘଡ଼ିକ ।
ମାଟିରେ ମିଶିବୁ ତୁହି ମାଟିରେ ମିଶିବି ମୁହିଁ
ତଥାପି ମୋ ଆତ୍ମା-ଫୁଲ୍ ନ ଯିବ ମଉଳି ।
ତେଣୁ ଆଶା ବହି ଦିନ କାଟେ ଟେକିଉଳି ।

ନାରୀର ଆଦର୍ଶ କଣ ହେବା ଉଚିତ, ସେ ବିଷୟରେ ଦୁନିଆରେ ବିଭିନ୍ନ ମତବାଦ ଥିଲେ ମଧ୍ୟ କବିଙ୍କର ବିଶିଷ୍ଟ ମତବାଦ ହିନ୍ଦୁଭାବ ଉପରେ ଓ ହିନ୍ଦୁ ସଭ୍ୟତା ଉପରେ ପ୍ରତିଷ୍ଠିତ । କାମିନୀ ଫୁଲକୁ ଉଦାହରଣ ଦେଇ ସେ ନାରୀ ଜାତିକୁ ଶୁଣାଉଛନ୍ତି—

"କର ଲୋ ତୋ ପରି ମୋତେ କାମିନୀ ସୁନ୍ଦରୀ ,
କର ପୂତ ସୁବାସିତ ମୋ' କ୍ଷୁଦ୍ର ହୃଦୟ
ଢାଳୁ ପ୍ରତି ପ୍ରାଣେ ପ୍ରେମପୂତ ଶାନ୍ତି-ବାରି
ହେଉ ମୋ ଭୂଷଣ ଲଜ୍ଜା, ନମ୍ରତା ବିନୟ ।"

କବି ନାରୀଜାତିକୁ ଦେଶ-ମାତୃକାର ପୂଜାବେଦୀରେ ଆତ୍ମ-ବଳି ଦାନ କରିବାକୁ ଡାକିଛନ୍ତି । ଆବଶ୍ୟକ ପଡିଲେ ଦଶ ପ୍ରହରଣ-ଧାରିଣୀ ହେବାକୁ ଇଙ୍ଗିତ ଦେଇଛନ୍ତି । ପୁଣି କାମିନୀ ଭଳି ସୁନ୍ଦର, ଲଜ୍ଜାନମ୍ର, ବିନୀତ ଓ ସୁରଭିତ ହେବାକୁ ମଧ୍ୟ ଅନୁଜ୍ଞା କରୁଛନ୍ତି । ଏହାହିଁ କେବଳ ଉତ୍କଳ ନୁହେଁ, ବିଶ୍ୱର ପ୍ରତି ନାରୀର ଏକାନ୍ତ ବାଞ୍ଛନୀୟ ।

ଏହି ଆଦର୍ଶ ପଥରେ ପଥିକ ହେବା ପାଇଁ ସେହି ନିସର୍ଗ-ଶୋଭିନୀ ବରନାରୀ ଆମ୍ଭମାନଙ୍କୁ ଆଦର୍ଶର ଇଙ୍ଗିତ ଦେଇ-ଛନ୍ତି । ଅମ୍ଭେମାନେ ଧନ୍ୟ ଯେ, ତାଙ୍କର ଭଳି ଜଣେ ଉତ୍କଳୀୟା କନ୍ୟା ଆମର ଓଡ଼ିଶା ଦେଶକୁ ମହତ୍‌ବାଣୀ ଦ୍ୱାରା ଉଦ୍‌ବୁଦ୍ଧ, ଜାଗ୍ରତ କରିଅଛନ୍ତି । ତାଙ୍କରି ଲକ୍ଷ୍ୟ ଓ ଆଦର୍ଶର ପଦାଙ୍କ ଅନୁସରଣ କରିବା ଆମ୍ଭମାନଙ୍କର କାମନାର ବିଷୟ ହେବା ଉଚିତ ।

---

# ତିଳ-ତର୍ପଣ

ଶ୍ରୀ ରଜନୀକାନ୍ତ ଦାଶ

ମା,

ନିର୍ଯ୍ୟାତନା-ଅଗ୍ନି କୁଣ୍ଡୁ ସ୍ଫୁଲିଙ୍ଗର ସମ,
ଉଠିଗଲ୍ ଶୂନ୍ୟନଭେ ତେଜ ଦୀପ୍ତଶିଖା—
ଅନ୍ଧାରିତ ଜନପଥ କରି ଅରୁଣିତ ।
ଶାନ୍ତ, ସୁପ୍ତ, ଜଡ଼ ବକ୍ଷେ ବହିଲା ଶୋଣିତ,
ଉଠିଲା ଜୀବନ ରୋଳ—
ଗତ କୋଳାହଳେ ଗଲା ଜନପଥ ପୂରି !
କୁଳବଧୂ, କୁଳକନ୍ୟା, ଜନନୀ, ଭଗିନୀ
ମାଟି ପରେ ଶିର ପିଟି କାନ୍ଦଉଠ ସବେ— ।
ଫେରାଅ ଗୋ ଲକ୍ଷ୍ମୀ—ଫେରାଅ ଗୋ ଲକ୍ଷ୍ମୀ ଫେର
ଦୁଃଖରେ ଅବଶ କରି ଜୀବନର ଧାରା—
କ୍ରୂର କାଳ ଅପହୃତା ଭଗିନୀର ଲାଗି—
କୁନ୍ତଳା ଯାଉଛି ଚାଲି—
ନାହିଁ—ନାହିଁ—
ଉତ୍କଳ-ଭାରତୀଙ୍କର କୁନ୍ତଳର ସମ,
ଯାଉଛ ଶ୍ରୀଅଙ୍ଗେ ଜଡ଼ି ଚିରଦିନ ଲାଗି !
ଉତ୍କଳର କାଳ ବକ୍ଷେ ଯା "ଉଚ୍ଛ୍ୱାସ" ଧାରା—
ରହିଛି ଅମର, ତେଣୁ ସଦା ସେ ଅମର !

# 'ଉତ୍କଳ-ଭାରତୀ କୁନ୍ତଳାକୁମାରୀ

ଶ୍ରୀ ଜଗବନ୍ଧୁ ସିଂହ, ଏମ୍. ଏଲ୍. ଏ.

ବାଣୀସେବା ପରମ ପ୍ରୀତିପ୍ରଦ । ସାହିତ୍ୟ ସେବାରେ ଲୋକ ଯେଉଁ ଆନନ୍ଦାନୁଭବ କରେ, ତାହା କେବଳ ସାଧକ ଜାଣେ । ଅନ୍ୟ କେହି ତାହା ଅନୁଭବରେ ଆଣି ପାରିବ ନାହିଁ । ସେଥିପାଇଁ କବି ଗାଇଛନ୍ତି, "ଅନୁଭବ ବିନେ କହି ନୁହେଁ ଦୁଃଖ ସୁଖ ବଚନେ ।" କୁନ୍ତଳା ସାହିତ୍ୟ ସେବାର ସ୍ୱାଦୁ ଅନୁଭବ କରିଥିଲେ ଏବଂ ସେହି କାରଣରୁ ସେ ବାଣୀ ଦେବୀଙ୍କର ଜଣେ ଶ୍ରେଷ୍ଠ ଆରାଧିକା ଥିଲେ । ଯେଉଁ ସାହିତ୍ୟ ପଢ଼ିଲେ ପ୍ରାଣ ଦ୍ରବି ନ ଯାଏ, ଭାବୋଦ୍‌ଗମ ନ ହୁଏ, ହୃଦୟ ସ୍ୱତଃ ଝଙ୍କାରିତ ନ ହୁଏ—ତାହା ପ୍ରକୃତ ସାହିତ୍ୟ ନୁହେଁ । ଚେଷ୍ଟା କରି ଶବ୍ଦ ଯୋଡି କିମ୍ବା ଅନ୍ୟର ଭାବକୁ ଅନୁକରଣ କରି ଯାହା ଲେଖାଯାଏ, ତାହା ନୀରସ କବିତା । ତାକୁ ପଢ଼ିଲେ ପାଠକର ମନ ପ୍ରାଣ ଉତ୍‌ଫୁଲ୍ଲ ହୁଏ ନାହିଁ । କ୍ଳିଷ୍ଟସାହିତ୍ୟ ମଧ୍ୟ ତଦ୍ରୂପ । ଯେଉଁ ସାହିତ୍ୟ ପ୍ରାଣରୁ ବାହାରେ, ତାହା କେବଳ ପ୍ରାଣସ୍ପର୍ଶୀ ହୁଏ । କୁନ୍ତଳାଙ୍କ ଲେଖାଗୁଡିକ ଶେଷୋକ୍ତ ଧରଣର । ଏହି ବିଶେଷତ୍ୱ ହେତୁ ଆଜି ତାଙ୍କ କବିତା ଓ ଲେଖାଗୁଡ଼ିକ ପାଠକବର୍ଗଙ୍କର ଆଦରଣୀୟ ହୋଇଅଛି । କୁନ୍ତଳା ଶୋଇଛନ୍ତି, ସେ ଇହଧାମ ତ୍ୟାଗ କରି ପରଲୋକ ଗମନ କରିଛନ୍ତି; ମାତ୍ର ତାଙ୍କ ଲେଖା ଯାବତ୍ ଥିବ, ତାବତ୍ ସେ ଅମର ଅଛନ୍ତି । ଏହି ହେତୁ କହନ୍ତି କବି ଅମର ! କେଉଁ କାଳରୁ କେତେ କବି କେଉଁ ଅଜଣା ରାଜ୍ୟକୁ ଗଲେଣି, ତଥାପି ସେମାନଙ୍କ ନାମ ଆଜି ଘରେ ଘରେ ପ୍ରତିଧ୍ୱନିତ ହେଉଛି ।

କୁନ୍ତଳା ଉତ୍କଳର ଜଣେ ନାରୀକବି । ଉତ୍କଳ ନାରୀମଣ୍ଡଳର ସେ ଜଣେ ଆଦର୍ଶ ରମଣୀ । ତାଙ୍କ ଅକୃତ୍ରିମ ସାହିତ୍ୟ-ସେବା ପ୍ରତ୍ୟେକ ନାରୀ ବା ପୁରୁଷର ଅନୁକରଣୀୟ । କୁନ୍ତଳାଙ୍କ ନାମ ଧନ ପାଇଁ ବିଖ୍ୟାତ ନୁହେଁ କି ଜନ ପାଇଁ ବିଖ୍ୟାତ ନୁହେଁ । ସାହିତ୍ୟ-ସେବା ତାଙ୍କୁ ଖ୍ୟାତି ଦେଇଅଛି, ଗୁଣୀ ସାହିତ୍ୟିକମାନଙ୍କର ସେ ପୂଜ୍ୟା ଓ ନମସ୍ୟା । ଭାରତରେ ନାରୀକବି ଥିଲେ, ଉତ୍କଳରେ ନାରୀ କବି ଥିଲେ, ସେମାନଙ୍କ ଲେଖା ବିଦ୍ୟମାନ ଅଛି, ତଥାପି ଆଧୁନିକ ଯୁଗରେ ଆଧୁନିକ ଲେଖକମାନଙ୍କ ମଧ୍ୟରେ ନିଜ ଗୁଣ ବଳରେ ସେ ଶ୍ରେଷ୍ଠତ୍ୱ ଲାଭ କରିବାକୁ କ୍ଷମ ହୋଇଛନ୍ତି । ଉତ୍କଳର ଆଧୁନିକ ନାରୀସମାଜ ଶିକ୍ଷାବିଭାଗରେ ବହୁତ ପଛରେ ପଡ଼ିଅଛି । ସ୍ତ୍ରୀଶିକ୍ଷା ବହୁଳ ଭାବରେ ଏପର୍ଯ୍ୟନ୍ତ ହୋଇ ନାହିଁ । ସମାଜର ଏପରି ଅବସ୍ଥାରେ ଜଣେ ସାମାନ୍ୟ ଗ୍ରାମ୍ୟବାଳିକା କୁନ୍ତଳା ଶିକ୍ଷାରେ ଏତେ ଉନ୍ନତି ଲାଭକରି ସାହିତ୍ୟ-ସେବା ପଥରେ ଯେ ଏତେ ଦୂର ଅଗ୍ରସର ହୋଇ ପାରିଲେ, ଏହା ତାଙ୍କ ପକ୍ଷରେ ବଡ ସୌଭାଗ୍ୟର ବିଷୟ । ସେ ତାଙ୍କ ନିଜ ସ୍ମୃତିସ୍ତମ୍ଭ ନିଜେ ଗଢ଼ି ଥୋଇଦେଇ ଯାଇଛନ୍ତି । ତାଙ୍କ ସ୍ମୃତି ତାଙ୍କ ପୁସ୍ତକାବଳୀର ପ୍ରତି ପତ୍ରରେ ସ୍ୱର୍ଣ୍ଣାକ୍ଷରରେ ଖୋଦିତ ହୋଇ ରହିଅଛି ଏବଂ ଯାବତ୍‌ଚନ୍ଦ୍ରାର୍କେ ଥିବ । ଆମ୍ଭେମାନେ ସ୍ମୃତି ରକ୍ଷା କରି ପାରିବା ନାହିଁ—ଆମ୍ଭେମାନେ କେବଳ ପ୍ରତିଭା, ପୂଜା କରିବା । ତାଙ୍କ ପ୍ରତିଭା ପୂଜା କରିବାକୁ ହେଲେ ତାଙ୍କ ଲେଖା-ଗୁଡିକ ପଢ଼ି ତାକୁ କାର୍ଯ୍ୟରେ ପରିଣତ କରିବାକୁ ହେବ ।

ତାଙ୍କ ଲେଖାରୁ ଅନେକ କଥା ଶିଖିବାର ଅଛି । 'ପ୍ରେମଚିନ୍ତାମଣି' ତାଙ୍କର ଉତ୍କୃଷ୍ଟ କବିତା ପୁସ୍ତକ । ସେ ପ୍ରେମକୁ ନୂତନ ଛାଞ୍ଚରେ ଢ଼ାଳିଛନ୍ତି । ପ୍ରେମ ବିଷୟରେ ଉତ୍କଳ-ସାହିତ୍ୟରେ ଅନେକ ଉତ୍କୃଷ୍ଟ ପ୍ରାଚୀନ ଗ୍ରନ୍ଥ ଅଛି । କିନ୍ତୁ ପ୍ରେମ-ଚିନ୍ତାମଣିରେ ପ୍ରାଚୀନ ଓ ନୂତନ

ଭାବର ସମ୍ମେଳନ ହୋଇଛି, ସୁତରାଂ ତାହା ମନୋମୁଗ୍ଧକର ହୋଇଛି । ଆଧୁନିକ ଲେଖା ମଧ୍ୟରେ ଏପରି ଲେଖା ବିରଳ ।

ଜାତୀୟ ଭାବ ତାଙ୍କ ମନରେ ପୂର୍ଣ୍ଣମାତ୍ରାରେ ଜାଗ୍ରତ ଥିଲା । ଦେଶ-ପ୍ରାଣା କୁନ୍ତଳାଙ୍କ 'ଆହ୍ୱାନ' କବିତା ଅତି ସରସ ଲେଖା। ଜାତୀୟତାର ତୀବ୍ର ଉନ୍ମାଦନା ଏ ଲେଖାରେ ଦେଖାଯାଏ । ଦେଶ ବା ଦଶ କାର୍ଯ୍ୟରେ ତାଙ୍କର ସର୍ବଦା ସ୍ନେହସହାନୁଭୂତି ଥିଲା । ତାଙ୍କର ସାହସ ମଧ୍ୟ ଊଣା ନ ଥିଲା । ସେ ସୁଦୂର ଦିଲ୍ଲୀନଗରୀ ଯାଇ ସେଠାରେ ଅବସ୍ଥାନ କରିଥିଲେ ଏବଂ ବ୍ୟବସାୟ କରି ଆପଣା ଜୀବିକା ନିର୍ବାହ କରୁଥିଲେ । ସେଠାରେ ଭାରତୀ-ତପୋବନ ନାମରେ ଗୋଟିଏ ଅନୁଷ୍ଠାନ କରି-ଥିଲେ ଏବଂ ସେହି ଦିଲ୍ଲୀନଗରୀରେ ମାନବଲୀଳା ସମ୍ବରଣ କରି-ଥିଲେ ।

ଯେଉଁମାନେ ପ୍ରାଣିସମାଜର କଲ୍ୟାଣ ଉଦ୍ଦେଶ୍ୟରେ କାର୍ଯ୍ୟ କରି କିଛି ଦାନ କରିଯାଉଛନ୍ତି, ସେ ମାନବସମାଜର ଚିର-ସ୍ମରଣୀୟ ବା ଚିରସ୍ମରଣୀୟା ! ଧନ ଦାନ କେବଳ ଦାନ ନୁହେ । ଯେଉଁ-ମାନେ ଜ୍ଞାନ ଦାନ କରି ଯାଇଛନ୍ତି, ସେମାନଙ୍କ ଦାନ ସର୍ବୋତ୍କୃଷ୍ଟ । ଏହି ହିସାବରେ କୁନ୍ତଳାଙ୍କ ଜ୍ଞାନ ଦାନ ସକାଶେ ଉତ୍କଳୀୟମାନେ ତାଙ୍କଠାରେ ଚିରକୃତଜ୍ଞ । ପ୍ରତ୍ୟେକ ନରନାରୀ ଏହି ଆଦର୍ଶକୁ ଆଗରେ ରଖି କାର୍ଯ୍ୟ କରିବା ପ୍ରଧାନ ଧର୍ମ ଓ କର୍ତ୍ତବ୍ୟ । ଉତ୍କଳର ନାରୀସମାଜ କୁନ୍ତଳାଙ୍କ ପଥରେ ପଥିକ ହେବାକୁ ଶିଖନ୍ତୁ—ଏହି କାମନା ।

# ବାଣୀ

କୁନ୍ତଳାକୁମାରୀ ଆଜି ସ୍ୱର୍ଗରେ । ମହା ମାନବିକତାର ଆସ୍ୱାଦ ଓ ସ୍ପର୍ଶ ପାଇଥିଲି ମୁଁ ତାଙ୍କଠାରେ । ବାଳିକା କୁନ୍ତଳା ମେଡିକେଲ ସ୍କୁଲର ଛାତ୍ରୀ ଯେତେବେଳେ—ସେହି ସମୟଠାରୁ ତାଙ୍କୁ ମୁଁ ଜାଣି-ଥିଲି । ପରସ୍ପର ପ୍ରତି ଆମର ଶ୍ରଦ୍ଧା ଓ ଭକ୍ତି ଯଥେଷ୍ଟ ଥିଲା । ମୁଁ ତାଙ୍କୁ ଝିଅ ପରି ଦେଖୁଥିଲି ।

ମୃତ୍ୟୁର କିଛିଦିନ ପୂର୍ବେ କୁନ୍ତଳା ଗର୍ଭବତୀ, ମୁଁ ସେତେ-ବେଳେ ଦିଲ୍ଲୀରେ ତାଙ୍କର ଅତିଥି ହୋଇଥିଲି । ସେ ଜହରଲାଲ, ଗାନ୍ଧି, ରାମକୃଷ୍ଣ, ଖ୍ରୀଷ୍ଟ ପ୍ରଭୃତିଙ୍କ ଛବି ଘରେ ରଖି ହିନ୍ଦୁମତେ ପୂଜା କରୁଥିଲେ । ଦିନେ ପୂଜା କରିବାର ପାଳି ମୋ ଉପରେ ପଡ଼ିଲା । ଘଣ୍ଟା ବଜାଇ ଆସେ ନାହିଁ, ମନ୍ତ୍ର ଉଚ୍ଚାରଣ କରି ଆସେ ନାହିଁ; ତଥାପି କୁନ୍ତଳା ମନକୁ ଚାହିଁ ମୁଁ ଘଣ୍ଟା ବଜାଇଲି । ଶଙ୍ଖରେ ପାଣି ଭରି ଅଜାଡ଼ିଲି । ଧୂପଦାନୀ ଚାରିଆଡ଼େ ବୁଲାଇଲି । କୁନ୍ତଳା ଖୁସି ହେଲେ । ସେଠାରୁ ମୁଁ ବରୋଦା ଗଲି । କିଛିଦିନ ପରେ ଶୁଣିଲି କୁନ୍ତଳାଙ୍କର ମୃତ୍ୟୁସମ୍ବାଦ । ଶୁଣି ମନ ଗଭୀର ଦୁଃଖରେ ବୁଡ଼ିଗଲା ।

ସେ ଥିଲେ ବିଚକ୍ଷଣା, ସ୍ନେହପୂର୍ଣ୍ଣା, ସାହିତ୍ୟିକା, କବି, ବିପ୍ଳବୀ । ତାଙ୍କ ଆଦର୍ଶ ଜୟଯୁକ୍ତ ହେଉ—

ଲକ୍ଷ୍ମୀନାରାୟଣ ସାହୁ, ଏମ୍. ଏ

---

ଉତ୍କଳ-ଭାରତୀ ବିଦୁଷୀ ୰କୁନ୍ତଳାକୁମାରୀଙ୍କ ବାର୍ଷିକ ଶ୍ରାଦ୍ଧ-ବାସରରେ ତାହାଙ୍କର ବାଲ୍ୟ ଓ ଯୌବନାବସ୍ଥାରୁ ତିରୋଧାନ ପର୍ଯ୍ୟନ୍ତ

ଅନେକ କଥା ସ୍ମରଣ କରି ହୃଦୟ ଉଦ୍‌ବେଳିତ ହେଲା । ତାହାଙ୍କର ଜାତୀୟତା-ଉଦ୍ଦୀପ୍ତ ଆବେଗମୟୀ କବିତା ପ୍ରବାହରେ ଶ୍ୟାମା ଉତ୍କଳ-ଭୂମି ପ୍ଲାବିତ ହୋଇଅଛି । ପ୍ରତ୍ୟେକ କବିତାରେ ଯେଉଁ ଅବାଧ ଭାବସ୍ରୋତ ସରଳ ପ୍ରାଣର ଆନ୍ତରିକତା ସହିତ ସଂଶ୍ଳିଷ୍ଟ ହୋଇ କାନ ମଧ୍ୟଦେଇ ମର୍ମ ସ୍ପର୍ଶ କରୁଅଛି, ତାହାର ତୁଳନା ନାହିଁ । ତାହାଙ୍କର ସାହିତ୍ୟର ସାର୍ଥକତା କେବଳ ମାନବର ଅନ୍ତରତମ ପ୍ରଦେଶରେ— ଯେଉଁଠାରେ ବିଶ୍ୱମାନବର ବାସ, ତାହାର ତୃପ୍ତି ସାଧନରେ ପ୍ରଯୁକ୍ତ ହୋଇଅଛି । ଯୁଗେ ଯୁଗେ ଏହି ମହୀୟସୀ ମହିଳାଙ୍କର କୀର୍ତ୍ତିଗାଥାର ସ୍ମରଣ ଓ ସମାଦର କରି ଉତ୍କଳବାସୀ ଧନ୍ୟ ତଥା କୃତାର୍ଥ ହେଉନ୍ତୁ ।

ଶ୍ରୀ ଶଶିଭୂଷଣ ରାୟ

---

ଉତ୍କଳ-ଭାରତୀ କୁନ୍ତଳାକୁମାରୀଙ୍କ ଦ୍ୱିତୀୟ ମୃତ୍ୟୁବାର୍ଷିକୀ ଉପଲକ୍ଷେ ନବଯୁଗ ସାହିତ୍ୟ ସଂସଦ୍ ଉତ୍ସବର ଅନୁଷ୍ଠାନ କରୁଥିବା ଶୁଣି ମୁଁ ସୁଖୀ ହୋଇଅଛି । ଯେଉଁ ପର୍ଯ୍ୟନ୍ତ ଜାତିର ବୀରପୁତ୍ର ଓ ବୀର-କନ୍ୟାମାନଙ୍କୁ ଜାତି ପୂଜା କରିବାକୁ ଶିଖେ ନାହିଁ, ସେ ପର୍ଯ୍ୟନ୍ତ ଜାତି ସୁପ୍ତ ଓ ଅନୁନ୍ନତ ହୋଇ ରହିଥିବ । କୁନ୍ତଳାକୁମାରୀଙ୍କ ମଧୁମୟ ଜୀବନକୁ ଚିରସ୍ମରଣୀୟ କରିବାକୁ ଯେଉଁ ଉଦ୍ୟମ ଲାଗିଅଛି, ତାହା ସାଫଲ୍ୟମଣ୍ଡିତ ହେଉ । ଗାଇବା ଯେଉଁପରି ପକ୍ଷୀମାନଙ୍କର ନୈସର୍ଗିକ ପ୍ରକୃତି, କବିତା ସେହିପରି କୁନ୍ତଳାଙ୍କ ପକ୍ଷରେ ପ୍ରାକୃତିକ ଥିଲା । ଓଡ଼ିଆ ଭାଷାକୁ ସେ ଯେଉଁ ଜୀବନୀ-ଶକ୍ତି ଦେଇଯାଇଅଛନ୍ତି, ଓଡ଼ିଆ ଜାତି ଆଜି ତାହା ହୃଦୟଙ୍ଗମ କରି ନାହିଁ, ଦିନେ କରିବ । ସେ ଦିନ ବହୁ ଦୂରବର୍ତ୍ତୀ ନୁହେଁ । ଆଶାଲୁବ୍ଧ ନୟନରେ ମୁଁ ସେ ଦିନକୁ ଚାହିଁ ରହିଛି ।

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ

---

ସ୍ୱର୍ଗୀୟା କୁନ୍ତଳାକୁମାରୀ ଉତ୍କଳ-ସାହିତ୍ୟକୁ ଯାହା ଦାନ କରି ଅମର, ତହୁଁ ବଳି ଅନ୍ୟ ଦିଗରେ ଗରିବ ଦୁଃଖୀ ଓ ଅସହାୟ ରୋଗୀମାନଙ୍କୁ ଲୋକଚକ୍ଷୁ ଅନ୍ତରାଳରେ ତାଙ୍କର ନିଃସ୍ୱାର୍ଥ ଦାନ କି ମହତ୍ ! କି ଉଦାର ! ମନୁଷ୍ୟତ୍ୱ, ବୀରତ୍ୱ, ଦେବତ୍ୱ ଏହିଠାରେ । ସୂର୍ଯ୍ୟୋଦୟ ପୂର୍ବରୁ ପ୍ରଭାତ ଶିଶିରବିନ୍ଦୁ ସାରା ବିଶ୍ୱରେ ଆନନ୍ଦସ୍ରୋତ ଢାଳିଦେଇ କେଉଁଠି ଲୁଚିଗଲା, କେହି ଜାଣି ପାରିଲେ ନାହିଁ । ଆଦର୍ଶ ମାନବ ଜୀବନ ନିକଟରେ ମୃତ୍ୟୁ ଏହିପରି ପରାସ୍ତ ।

ଶ୍ରୀ ପୂର୍ଣ୍ଣଚନ୍ଦ୍ର ଘୋଷ

---

ଭାରତୀ-ତପୋବନର ତପସ୍ୱିନୀ କୁନ୍ତଳାକୁମାରୀଙ୍କର ଜ୍ୱାଳାମୟୀ ଲେଖନୀ-ସ୍ଫୁଲିଙ୍ଗ ଉତ୍କଳ ପୁରପଲ୍ଲୀର ଶତ ଶତ ବୁଭୁକ୍ଷିତ, ନିପୀଡ଼ିତ ଆର୍ତ୍ତ ପ୍ରାଣରେ ଯେ ଭାସ୍ୱର୍ ତେଜ ଦେଇଯାଇଛି, ସେ ବାସ୍ତବ ତେଜ ଯଦିଓ କୁନ୍ତଳାକୁମାରୀଙ୍କର ତିରୋଧାନରେ ମଉଳିଯାଇଛି, ତଥାପି ତାଙ୍କର ଅସଂଖ୍ୟ ଗ୍ରନ୍ଥର କବିତା-ପଙ୍‌କ୍ତିରୁ ସେ ଦୀପ୍ତି ଆଜଯାଏ ବିଲୟ ହୋଇ ନାହିଁ ବା ହୋଇବ ନାହିଁ । ତାହାହିଁ ଉତ୍କଳର ଜାତୀୟ ଜୀବନରେ ଓ ମୃତକଳ୍ପ ସାହିତ୍ୟରେ ଏକ ମହାଦାନ । ତେଣୁ ତାଙ୍କର ପଦାଙ୍କ ଅନୁସରଣ କରି ଆଜି ତାଙ୍କର ସାମ୍ବତ୍ସରିକ ଶ୍ରାଦ୍ଧଦିବସରେ କି ସାହିତ୍ୟିକ, କି ରସଜ୍ଞ କବି, କି ଉତ୍କଳର ନାଗରିକ ସମସ୍ତେ ଜାତୀୟ ସାହିତ୍ୟର ବିକାଶ-ପଥରେ ପୁଷ୍ପ ଚନ୍ଦନ ଢାଳି ସେହି ମହାଦାନର ପରମ୍ପରା ଧାରାକୁ ସଜୀବ ରଖନ୍ତୁ, ଏତିକି ପ୍ରାର୍ଥନା ।

ଶ୍ରୀ ରାଜକିଶୋର ରାୟ, ଏମ୍. ଏ

---

Srimati Kuntala Kumari will loom larger on the cultural horizen of Orissa in the next decade. Her memory makes one feel inspired with the ideas that propel the world womanhood at present. With her appreciation of the Indian womanhood of the days of epic. She was an artist of realistic school, a chartist and a great philanothropist. The very narrow of her bones, the blood of her heart and the soul of her being as manifested in her literary pieces will be an abiding interest and a great fertiliser to the social, political and cultural development of Orissa.

Bhagirathi Mahapatra
*18-8-1940*

[ ବି. ଦ୍ର. — ଏହାଛଡ଼ା କଟକ Stewart Schoolର ପ୍ରିନ୍‌ସିପାଲ୍ **ମି. ଡି. ଟି. ରବାର୍ଟସ**, ଏମ. ଏ. ଏଲ୍. ସି. ପି., କଟକ ମୁସଲିମ୍ ସେମିନାରୀ ହାଇ ସ୍କୁଲର ହେଡ଼ମାଷ୍ଟର, ଜାମସେଦ ପୁରର କୁମାରୀ **ଶୈଳବାଳା** ପ୍ରମୁଖ କୁନ୍ତଳାକୁମାରୀଙ୍କ ସମ୍ବନ୍ଧରେ ସ୍ମାରକ ଲିପି ପଠାଇଛନ୍ତି । ]

# ଭାରତୀ

ଶ୍ରୀ ବୀରକିଶୋର ଦାସ

କୁହ ଗୋ　　　　କୋଉ ଗହନରେ
ରହିଲ୍ ଯାଇଁ
ସାରା ଉତ୍କଳରେ　　　　ଆଜି ଘରେ ଘରେ
ଝୁରିଲେଣି ପଡ଼ନ୍ତି
ତୁମରି ପାଇଁ । ୦ ।

ବାଳୁତ ସନ୍ତାନେ　　　　ଦେଇଗଲ୍ କାରେ
ଆମ କଥା ଆଉ　　　　ନ ଭାବିଲ ବାରେ;
କାନ୍ଦେ ମହାନଦୀ　　　　ଖୋଜେ ମହୋଦଧି,
ଝୁରଇ ଯମୁନା ଛବିକି ଚାହିଁ । ୧ ।

କୋଇଲିର ଆଖି　　　　ପଡ଼ିଅଛି ନାଲି,
କପୋତ ରାବଇ　　　　ତୁମ କଥା ଭାଳି;
ହଳଦୀବସନ୍ତ　　　　ହୁଏ ହନ୍ତସନ୍ତ;
ଗଲାବେଳେ ପଦେ ନ ଗଲ୍ କହି । ୨ ।

ନହୁଲୁଣୀ ମୁଠେ　　　　କୋଣାରକ ଚଢ଼ି
ଖଣ୍ଡାହାତେ ଗଲେ　　　　କାଞ୍ଚିଯୁଦ୍ଧ ଲଢ଼ି
ବାଉଁଶ ନଳରେ　　　　ଗ୍ରନ୍ଥ ମାପ କଲେ
ତାଙ୍କ ଯଶ ତମେ ଦେଲ୍ ବତାଇ । ୩ ।

କୋଟି କୋଟି ସ୍ୱପ୍ନ    ପାଠକ ପାଠିକା
ହୃଦୟେ ବୁଲାଇ    ଭାବର ତୂଳିକା,
ଆଙ୍କିଲ ସେ ଛବି    ଅହେ ନାୟକବର,
ଯୁଗେ ଯୁଗେ ତାହା ଲିଭିବ ନାହିଁ । ୪ ।

କି ଦେଇ ରଖିବୁ    ତବ ଶୁଭସ୍ମୃତି
ତୁମେ ସାଇତିଛ    ତୁମର କୀରତି
ସ୍ୱାଧୀନ ଭାରତ    ବୁଝିବ ମହତ୍ତ୍ୱ
ଜାଗିଛି ସେ ତବ    'ଆହ୍ୱାନ' ପାଇ ।

# 'ନୂତନ ଯୁଗର ଏକାଗ୍ର ସାଧିକା

ଶ୍ରୀ ରାମପ୍ରସାଦ ସିଂହ

ବିପ୍ଳବର ଜୀବନ୍ତ ଅଗ୍ନିକଣା ଯେଉଁଠି ପଡ଼େ, ସେଇଠି ପୋଡେ । ପ୍ରଳୟର ପ୍ରଳୟଙ୍କର ମୂର୍ତ୍ତିର ସସୀମ ଅଭିବ୍ୟକ୍ତିର ସ୍ଫୁରଣ ସେହି କ୍ଷୁଦ୍ର ତୁଚ୍ଛ ଅଗ୍ନିକଣାଟି ମଧ୍ୟରେ ପ୍ରସ୍ଫୁଟିତ । ଏହି ସତ୍ୟ ମୂର୍ତ୍ତି ଗ୍ରହଣ କରିଥିଲ କୁନ୍ତଳା ଦେବୀଙ୍କ ଜୀବନରେ, ଏହା ଲକ୍ଷ୍ୟ କରିବାର ଯଥେଷ୍ଟ ସୁବିଧା ମୋର ଥିଲ । ସେ ନାହାନ୍ତି । ଦୁଇବର୍ଷ ବିତିଯାଇଛି । ବ୍ୟକ୍ତିଗତ ଅଭାବର ବନ୍ଧନ ଭିତରୁ ମୁକ୍ତ ହୋଇ ତାଙ୍କ ଜୀବନୀ ଆଲୋଚନା କରିବାର ସମୟ ବର୍ତ୍ତମାନ ଆସି ନାହିଁ । ଦିନ ଯେତିକି ଗଡ଼ିଯିବ, ତାଙ୍କ ଦାନର ମାହାତ୍ମ୍ୟ ସେତେ ଫୁଟି ଉଠିବ । ତା ପରେ ହୁଏତ ଏ ଦାସ-ଯୁଗ ସୀମା ପାରିରେ ଫୁଟି ଉଠୁଥିବା ଯୁଗାନ୍ତରରେ ତାଙ୍କ ପୂଜାବେଦୀରେ ଅର୍ଘ୍ୟ ପ୍ରଦାନ କରିବା ପାଇଁ ଉପଯୁକ୍ତ ପୂଜାରୀ ମିଳିବେ ।

କବି ଭାବରେ, ଲେଖିକା ଭାବରେ, ପଣ୍ଡିତା ରୂପରେ ଏବଂ ସର୍ବୋପରି ମହୀୟସୀ ନାରୀଭାବରେ ନିକଟରୁ ବିଶ୍ଳେଷଣ କରି ଆସିଛୁ ଅନେକ ଦିନରୁ । ଦେଖିଛୁ, ଓଡ଼ିଆ ଘରର ଗୋଟିଏ ଝିଅ କେବଳ ସର୍ବପ୍ରଥମେ ନୂତନ ଯୁଗର ସୂଚନାକୁ ନିଜ ଲେଖାରେ, କଥାରେ ଏବଂ ଜୀବନରେ ବରଣ କରି ଆଣିଥିଲେ—ସେ କୁନ୍ତଳା ଦେବୀ ।

ତାଙ୍କ ହିନ୍ଦି ଲେଖା ସହିତ ହିନ୍ଦି ଜଗତ୍ ସୁପରିଚିତ । ତାଙ୍କ ଓଡ଼ିଆ ଲେଖା ଯୋଗୁଁ ଉତ୍କଳ-ସାହିତ୍ୟ କ୍ଷେତ୍ରରେ ସେ ପୂଜ୍ୟା; କିନ୍ତୁ ସେ ଯେ ଇଂରାଜୀରେ ନିର୍ଦ୍ଦୋଷ କବିତା ଲେଖୁଥିଲେ, ଏ କଥା ଖୁବ୍ ଅଳ୍ପ ଲୋକ ଜାଣନ୍ତି । ବର୍ତ୍ତମାନ ବନ୍ଦ ହୋଇଯାଇଥିବା **Star of Utkal** ର **Amalgamation Number** ରେ ତାଙ୍କର ଗୋଟିଏ

ଇଂରାଜି କବିତା ମିଳିବ । ସେଥିରେ ତାଙ୍କର ଏ ବିଷୟର ଦକ୍ଷତାର କିଞ୍ଚିତ୍ ସୂଚନା ମିଳିବ ।

ଏ ସବୁ ସାଧାରଣ ବିଷୟକୁ ନେଇ ଗୁଣ ଗାଇବା ମୋର ଉଦ୍ଦେଶ୍ୟ ନୁହେଁ । ମୋର ଉଦ୍ଦେଶ୍ୟ ନୂତନ ଯୁଗର ଏକ ଏକାଗ୍ର ସାଧିକାଙ୍କର ସ୍ମୃତି-ପୂଜାର ବେଦୀ ତଳେ ମସ୍ତକ ଅବନତ କରିବା । ତାହାହିଁ କରୁଛି ।

---

# କୁନ୍ତଳାକୁମାରୀ

ରାୟବାହାଦୁର ଶ୍ରୀ ଭିକାରୀଚରଣ ପଟ୍ଟନାୟକ

କୁନ୍ତଳାକୁମାରୀ ଶୁଭ କ୍ଷଣେ ତୁମେ
ଜନମି ଆମର ଏ ଉତ୍କଳ-ଭୂମେ ।
ଅକାଳରେ ଆହା ଯାଇଅଛ ଚାଲି
ତୁମ ସ୍ଥାନଟିକ ରଖିଦେଇ ଖାଲି ।
କିନ୍ତୁ ବାଇଅଛ ଯେଉଁ ବୀଣା-ତାର
ଶୁଭୁଥିବ ସଦା ତା ତାହାର ଝଙ୍କାର ।
ଗୁନ୍ଥି ଅଛ ଯେଉଁ କୁସୁମ ଯତନେ
ସୌରଭ ସଦା ତା ଖେଳିବ ପବନେ ।
ମରି ଅମରତା ଏହି ମହୀ ତଳେ
ଲଭିଅଛ ତାହା ନିଜ କର୍ମଫଳେ ।
ତୁମ ଜୀବନର ବ୍ରତକୁ ସୁମରି
ତୁମ ପଥ, ତୁମ ବାଣୀ ଅନୁସରି
ଜାଗିବ ଅଚିରେ ଉତ୍କଳ-ରମଣୀ
ବିଶ୍ୱେ ଦେଖାଇବେ ବିଚିତ୍ର କରଣୀ ।

---

# ସ୍ମାରକ-ଲିପି

ଶ୍ରୀ ବିମ୍ବାଧର ବର୍ମା

ଦିନକର ଗୋଟିଏ ଅଭୁଲା ସ୍ମୃତି—

କବି ନନ୍ଦକିଶୋରଙ୍କ ଘରକୁ ସେତେବେଳେ କବି କୁନ୍ତଳାକୁମାରୀ ଯାଇଥିଲେ । ତାହା ଆଜିକି ପ୍ରାୟ ୧୫ ବର୍ଷ ତଳର ଘଟଣା । ଚାରିଆଡ଼େ ଅସହଯୋଗର ବାତ୍ୟା ଖେଳୁଥାଏ । ଗ୍ରାମର ବୈଠକଖାନାରେ ବସି, ପଲ୍ଲୀର ଅସହଯୋଗୀ ଯୁବକମାନଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ ଗୋଟିଏ ତତ୍‌କାଳୀନ ସଙ୍ଗୀତ ରଚନା କରି ହାରମୋନିୟମରେ ତାର ସୁର୍ କରୁଥାଏ—

ଗଲାଣି ଗଲାଣି ସେ କାଳ ଭଉଣୀ!
ମନୁ ତାକୁ ଦିଅ ମେଲାଣି
ପିନ୍ଧି ଚିନ ବସନ  ହଜାଇଛ ସବୁ ମାନ
ଦେହରେ ଦେଇ ଦାଉଣୀ ।

ହଠାତ୍ ବୈଠକଖାନାର ଦ୍ୱାରବନ୍ଧ ପାଖରେ ଆସି ପହଞ୍ଚିଲେ କୁନ୍ତଳାକୁମାରୀ । "ଶିଳ୍ପୀ ଯେ ଆଜି ସଙ୍ଗୀତ ମୁଖର । ଆଚ୍ଛା, ଆମ୍ଭମାନଙ୍କ ଦେହର ଏଇ ଦାଉଣୀଟା କଣ କହନ୍ତୁ ତ ?" ମୋତେ ହଠାତ୍ ପ୍ରଶ୍ନ କଲେ । "ଏଇଟା ଆଉ କିଛି ନୁହେଁ । ଏଇ ବିଲାତି ପିନ୍ଧୁପାଉଆ ଶାଢ଼ୀ ।" ତା ପରେ ସେ ନିଜେ ଗୀତଟିକୁ ହାରମୋନିୟମରେ ଗାଇବାକୁ ଚେଷ୍ଟା କଲେ । ସେ ଏତେ ସୁନ୍ଦର ଗୀତ ଗାଇ ଜାଣନ୍ତି ବୋଲି ଏହା ପୂର୍ବରୁ ମୁଁ ଜାଣି ନ ଥିଲି । ତାହା ପରେ ଗୀତଟିର ଗୋଟିଏ କପି ସେ ମୋଠାରୁ ମାଗି ନେଇଥିଲେ । ବୈଠକଖାନାରେ ଇତସ୍ତତଃ ହୋଇଥିବା ମୋର ଛବିଗୁଡ଼ିକ ଉପରେ ତାହାଙ୍କର ଆଖି ପଡ଼ିଲା । ଶ୍ରୀକୃଷ୍ଣ ରାଧାଙ୍କର ରବି-ପୂଜା କୁସୁମ ମାଳ କରି ଦେଉଥିବାର ବଡ଼ ଛବି ଗୋଟିଏ ମୁଁ ଆଙ୍କିଥାଏ । ମୋର ପୂର୍ବରୁ ଧାରଣା ଥିଲା ଯେ, କୁନ୍ତଳାକୁମାରୀ ବିଧର୍ମୀ । କିନ୍ତୁ

ସେ ଛବିଟିକୁ ସେ ଏପରି ଭଲ ପାଇଲେ ଯେ, ଶେଷରେ ସେଇଟିକୁ ମୋଠାରୁ ସେ ଉପହାରସ୍ୱରୂପ ଗ୍ରହଣ କରିଥିଲେ ।

କୁନ୍ତଳାକୁମାରୀ ଆମ ଗ୍ରାମରେ ବଳ ମହାଶୟଙ୍କ ଘରେ ପ୍ରାୟ ମାସେ କାଳ ରହିଥିଲେ । ସୁତରାଂ ତାଙ୍କ ସଙ୍ଗରେ ଅନେକ ସମୟରେ ବୁଲିବାକୁ ପଡ଼ିଥିଲା । ସେତେବେଳେ ଯେପରି ଜଣା-ଯାଉଥିଲା, ଏହା ପୂର୍ବରୁ ସେ ପଲ୍ଲିଜୀବନ ଉପଭୋଗ କରି ନାହାନ୍ତି । ଆମ୍ଭମାନଙ୍କର ଯାହା ଅତି ଦୈନନ୍ଦିନ ଦୃଶ୍ୟ, ସେ ସବୁ ଦେଖି ସେ ଅତି ମୁଗ୍ଧ ହୋଇଯାଉଥାଆନ୍ତି । ସେହି ବାଲୁଯା ନଈ ସେ ପାଖରେ ସୂର୍ଯ୍ୟାସ୍ତର ଲୋହିତ ମାଧୁରୀ, ନୀଳାକାଶରେ ପଡ଼ିଯାଇ-ଥିବା ବଳାକାର ଶୋଭା, ଲଳିତଗିରିର ଆର ପାଖରୁ ସୂର୍ଯ୍ୟୋଦୟର ଛବି ତାଙ୍କର ଅଖିରେ ଯେପରି ମାୟାଞ୍ଜନ ଲେଖି ଦେଉଥାଏ । ଜ୍ୟୋତ୍ସ୍ନାତଳେ ଅନେକ ବାର ତାଙ୍କର ସୁମଧୁର ସଙ୍ଗୀତ ଝଙ୍କାର ପଲ୍ଲିର ବାୟୁମଣ୍ଡଳ ମୁଖରିତ କରି ଦେଉଥିଲା ।

ସେ ଦିନ ସକାଳେ ମୁଁ ବଳ ମହାଶୟଙ୍କ ଘରକୁ ଯାଇଥାଏ । ତାହାଙ୍କର ଦ୍ୱିତଳ କୋଠାର ଉପର ମହଲରେ କୁନ୍ତଳାକୁମାରୀ ରହୁଥାନ୍ତି । ତଳ ମହଲରେ ଥାନ୍ତି ନନ୍ଦକିଶୋରଙ୍କ ପରିବାର । ତଳ ମହଲର ବୈଠକଖାନାରେ କିଛି ସମୟ ବଳ ମହାଶୟଙ୍କ ସହିତ କଥାଭାଷା ହେବା ପରେ ଉପରୁ କୁନ୍ତଳାକୁମାରୀ ଅସିବାର ଜଣାଗଲା । କିଛିକ୍ଷଣ ପରେ ନାୟିକବି ପହଞ୍ଚି ନିତଜାନୁ ହୋଇ କବି ନନ୍ଦକିଶୋରଙ୍କୁ ଗୋଟିଏ କବିତା ଉପହାର ଦେଲେ । ସେଇ କବିତାଟି ତାଙ୍କର 'ଅର୍ଚ୍ଚନା' କାବ୍ୟଗ୍ରନ୍ଥର ଦୂର୍ବାଦଳରେ ପ୍ରକାଶିତ । କବିତାଟି ନନ୍ଦକିଶୋର ବଳଙ୍କ ନାମ ଲିଖିତ ।

ବଳ ମହାଶୟ ସହସା ଅତ୍ୟନ୍ତ ଭାବବିହ୍ୱଳ ହୋଇ କୁନ୍ତଳା-କୁମାରୀଙ୍କୁ ତଳୁ ଉଠାଇନେଲେ । ତାହା ପରେ ଗୃହାନ୍ତରକୁ ଯାଇ

ଗୋଟିଏ ମୂଲ୍ୟବାନ୍ ସ୍ୱର୍ଣ୍ଣହାର ଆଣି ପଲ୍ଲିକବି ନାୟିକବିଙ୍କର କଣ୍ଠରେ ଲମ୍ବାଇ ଦେଇ କହିଲେ, "କବି, ତମ କବିତାର ପ୍ରତିଦାନ ଦୁର୍ଲଭ । ତେବେ ଏଇଟି ଗ୍ରହଣ କର । ବସ୍ତ୍ରାଭାବାତ୍ ସୂତ୍ରଂ ଦଦ୍ୟାତ୍ ।

ମୁଁ ଏଇ ଦୁର୍ଲଭ ଦୃଶ୍ୟଟି ଦେଖୁଥାଏ ମୁଗ୍ଧ ଆଖିରେ ।

# ଅଶ୍ରୁ-ଧାରା

ଶ୍ରୀ ପ୍ରାଣକୃଷ୍ଣ ସାମଲ୍

ଏ ଶ୍ରାଦ୍ଧ-ଉତ୍ସବ ଦିନେ ହେ ସ୍ୱର୍ଗତା କୁନ୍ତଳାକୁମାରୀ
ନେନା ମୋର ଶ୍ରଦ୍ଧାଞ୍ଜଳି ପୂତ କର ମୋ ନୟନ-ବାରି ।
ନ ଥିଲି ମୁଁ ଜଣା ତବ ମୁଁ ଯେ ଏକ ଉତ୍କଳ-ସନ୍ତାନ
ଉତ୍କଳ-ଭାରତୀ ତମେ, ଲୋଡ଼ା ନାହିଁ ପରିଚୟ ଆନ ।

* * *

ଅଭାଗା ଦେଶ ଏ ଯହିଁ କଣାପଶା ସକଳ ପୁରୁଷ
ସେ ଦେଶ ଅବଳା ଏକ ସଙ୍ଗେ ସଙ୍ଗେ ଧରି ପଉରୁଷ ,
ବାସ କରେ ଦିଲ୍ଲୀପୁରେ ଯାର କାନ୍ତ କବିତ୍ୱ ପ୍ରତିଭା—
ଆର୍ଯ୍ୟାବର୍ତ୍ତ ମୁଗ୍ଧ କରେ, ପୁଣି ଯାର ଶୁଭ ଯଶ ବିଭା ।
ଶାରଦୀୟ ଜ୍ୟୋତ୍ସ୍ନା ସମ ସ୍ୱପ୍ନମୟ ସ୍ନିଗ୍ଧ ସମୁଜ୍ଜ୍ୱଳ
ପ୍ଳାବନ କରଇ ଆସି ଦୂରୁ ଏହି ଅନ୍ଧାର ଉତ୍କଳ;
ଚିକିତ୍ସିକା ଥିଲ ତୁମେ ନାଡ଼ି ନାଡ଼େ ତବ କାରବାର .
କବିତା ପାଇଲ କେହେ ଏହି କଥା ଭାବେ ବାର ବାର ।
ଅଦ୍ଭୁତ ଜୀବନ ତବ, ପ୍ରତିଭା ଗୋ ତବ ବହୁମୁଖୀ
ବେଶି ଦିନ ଧରି କୋଳେ ଦେଶ ଯାହା ହୋଇଲାନି ସୁଖୀ !
ଅଳପ ବୟସେ ଗଲ ବଡ଼ ପଣ ପ୍ରମାଣ ତ ସେହି
ହେ ସ୍ୱର୍ଗତା କୁନ୍ତଳାକୁମାରୀ ବନ୍ଦେ ଭାଇ ଅଶ୍ରୁଜଳ ଦେଇ !

# ବାଣୀ

ଶ୍ରୀ କୃପାସିନ୍ଧୁ ପଟ୍ଟଦେବ

ଆଜି କି ବାଣୀରେ ବାଣୀରାଣୀ କୁନ୍ତଳାଙ୍କ ସମ୍ବର୍ଦ୍ଧନା କରିବି ? କାଲି ପରି ଲାଗୁଛି, ଯେତେବେଳେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରୂପେ ଘୋଷିତ ହେଲା, ସେତେବେଳେ ତାଙ୍କଠାରୁ ଖଣ୍ଡେ ପତ୍ର ମୁଁ ପାଏ । ସେ ଲେଖିଥିଲେ, ଆଜିଠାରୁ ସମସ୍ତ ଓଡ଼ିଆ କି ସ୍ତ୍ରୀ କି ପୁରୁଷ ନିଜ ନାମ ପୂର୍ବରୁ ଯେପରି 'ବୀର ଶ୍ରୀ' ଯୋଗ କରନ୍ତି । ସେ ପତ୍ରରେ ମୁଁ ଦେଖିବାକୁ ପାଇଛି, ଓଡ଼ିଶାର ଜୟରେ କୁନ୍ତଳା ଯେପରି ବିଜୟ ଭେରି ଧରି ଆଗେ ଆଗେ ଚାଲୁଛନ୍ତି । ଦେଶମିଶ୍ରଣ କଥା ଶୁଣି ସେ ଆନନ୍ଦ-ଉନ୍ମାଦିନୀ ହୋଇ ଉଠିଥିଲେ ।

× × ×

ଦିନେ ଡାକ୍ତର ବ୍ରହ୍ମଗୁସ୍ୱାଙ୍କଠାରୁ ଖଣ୍ଡେ ପତ୍ର ଆସି ପହଞ୍ଚିଲା, "କୁନ୍ତଳା ଆଉ ଇହଧାମରେ ନାହାନ୍ତି ।" ମନେ ହେଲା, ଓଡ଼ିଆ ସାହିତ୍ୟର ଗୋଟିଏ ସମୁଜ୍ଜ୍ୱଳ ରତ୍ନ ହଜିଗଲେ । ଏଇ ଉପଲକ୍ଷେ ବ୍ରହ୍ମପୁରରେ ଗୋଟିଏ ଶୋକ-ସଭାରେ ମୁଁ ସଭାପତି ହେବାର ସୁବିଧା ପାଇଁ କୁନ୍ତଳାଙ୍କ ବିଷୟ ପର୍ଯ୍ୟାଲୋଚନା କରିବାର ସୁଯୋଗ ପାଇଥିଲି ।

× × ×

"ମୃତ୍ୟୁରୂପେ ଯଦି ଆସିବ କେତେକି ସୁଖେ ମୁଁ ଘେନିବି କୋଳରେ
ଆଦରେ ମରଣ ବରଣ କରି ଗୋ ମରିବି ଚରଣ ତଳରେ ।"

× × ×

ଲୋଡ଼ା ନାହିଁ ମୋର କୀରତି-କେତନ ଉଚ୍ଚ ସ୍ତବ ସ୍ତୁତି ଦାଣ୍ଡରେ
ମାଗେ ମାତ୍ର ତବ କରତାପଣିଆ ମୋର ହୃଦ-ଧରା ଖଣ୍ଡରେ ।"

ବାଣୀ ରାଣୀଙ୍କର ଏଇ ସ୍ୱର ଧାଡ଼ି ରାଗିଣୀ ତାଙ୍କର ମୃତ୍ୟୁ-ବାର୍ଷିକୀରେ କେବଳ ମୋର ବାଣୀ ।

# ଅଶ୍ରୁ-ଅର୍ଘ୍ୟ

ଶ୍ରୀ ଧନେଶ୍ୱର ଶତପଥୀ

କୁନ୍ତଳା ଯେ କେବଳ କବି ଭାବରେ ଆମ୍ଭମାନଙ୍କର ପୂଜ୍ୟା, ତାହା ନୁହେଁ, ଆହୁରି ଅନେକ ବିଷୟରେ ସେ ଆମ୍ଭମାନଙ୍କଠାରୁ ପୂଜା ପାଇବାକୁ ଉପଯୁକ୍ତା। ସମୟହିଁ କେବଳ ଏ ସଂସାରରେ ଅମୂଲ୍ୟ ସମ୍ପଦ। ସେ ସେତିକ ଉତ୍ତମରୂପେ ବୁଝି ପାରିଥିଲେ ଏବଂ ତାହାର ଉପଯୁକ୍ତ ବ୍ୟବହାର କରିପାରିଥିବାରୁ ଆଜି ସେ ପୂଜା ପାଇବାର ଅଧିକାରିଣୀ ହୋଇଅଛନ୍ତି।

କୁନ୍ତଳା ନିଜ ପେଟ ପାଇଁ ଓଡ଼ିଶା ଛାଡ଼ି ସୁଦୂର ଦିଲ୍ଲୀରେ ବ୍ୟବସାୟ ଆରମ୍ଭ କରି ନ ଥିଲେ। ସେ ଯେବେ କେବଳ ନିଜ ପେଟକୁ ଚିହ୍ନି ପାରିଥାନ୍ତେ, ତାହାହେଲେ ଓଡ଼ିଶାରେ ମଧ୍ୟ ତାଙ୍କ ପାଇଁ ଯଥେଷ୍ଟ ଥିଲା; କିନ୍ତୁ ତାଙ୍କ ମନକୁ ଯେ ସ୍ୱାଧୀନତାର ଝଞ୍ଜା ସବୁବେଳେ ଆଲୋଡ଼ନ କରୁଥିଲା, ଦରିଦ୍ର ଉତ୍କଳବାସୀଙ୍କ ହାହାକାର ଧ୍ୱନି ତାଙ୍କ ପ୍ରାଣକୁ ଖଣ୍ଡ ଖଣ୍ଡ କରି ପକାଉଥିଲା। ଏକ ପକ୍ଷରେ ସେ ଏହା ସହ୍ୟ କରି ନ ପାରି, ଅନ୍ୟ ପକ୍ଷରେ ଯେବେ କାଳେ ଉତ୍କଳୀୟଙ୍କ ଦୁଃଖଦୁର୍ଦ୍ଦଶା ଲଘୁ କରି ପାରିବେ—ଏହି ବାସନାରେ ସେ ସୁଦୂର ପ୍ରବାସକୁ ଯାଇ ବ୍ୟବସାୟ ଆରମ୍ଭ କରିଥିଲେ ଏବଂ ବାସନା ପୂରଣ ହେବାର ଅବ୍ୟବହିତ ମୁହୂର୍ତ୍ତରେ ସେ ଅକାଳ କାଳ-ଗ୍ରାସରେ ପଡ଼ିଗଲେ।

ତେବେ ମଧ୍ୟ ସେ ଯାହା କରିଯାଇଅଛନ୍ତି, ଯେଉଁମାନେ ତାଙ୍କ ସମ୍ପର୍କରେ ଆସିଛନ୍ତି, ସେମାନଙ୍କୁ ଅଜଣା ନାହିଁ। ତାଙ୍କ ଧନ ଓ ପରିଶ୍ରମରେ ଦରିଦ୍ର, ଅସହାୟ, ଲେଖକ, ପାଠକ, ଜାତି ଓ ଦେଶର— ସମସ୍ତଙ୍କର ସମାନ ଅଧିକାର ଥିଲା। କେତେ ତାଙ୍କର ଧନରେ ଉଚ୍ଚ ଶିକ୍ଷା ପାଇଛନ୍ତି, କେତେ ଲେଖକ ଲେଖିକା ହୋଇଛନ୍ତି,

ସେ କଥା ବୋଧହୁଏ ଅନେକେ ଜାଣନ୍ତି ନାହିଁ । କାରଣ ସେ ଯେତେବେଳେ ଯାହା କରୁଥିଲେ, ନୀରବ ଭାବରେ କରୁଥିଲେ । ନିଜକୁ ବାହାରକୁ ଆଣିବାକୁ ସେ ଘୃଣା କରୁଥିଲେ । ଏହା ଛଡା ତାଙ୍କ ଗୃହ ପାନ୍ଥ-ନିବାସ ଥିଲା । ପ୍ରତିଦିନ ତ ଅତିଥି-ସେବା କରିବାକୁ ପଡେ, କେବେ ଅତିଥି ଆସିବା ବିଳମ୍ବ ହେଲେ ସେ ନ ଆସିବା ଆଶଙ୍କା କରି ଅସ୍ଥିର ହୋଇପଡ଼ନ୍ତି ।

ପରିଶ୍ରମ ତାଙ୍କର ପ୍ରିୟ ସହଚର । ସେଇଥିରେ ସେ ସୁଖଶାନ୍ତି ପାଉଥିଲେ । ସେ ଅଜ୍ଞାତସାରରେ କ୍ଷଣଟିଏ ମଧ୍ୟ ଅପବ୍ୟୟ କରି ନାହାନ୍ତି । ତାହା ହୋଇଥିଲେ ଏତେ ସ୍ୱଳ୍ପକାଳ ମଧ୍ୟରେ ଏତେ କାର୍ଯ୍ୟ କରି ଅମର ଆସନର ଅଧିକାରିଣୀ ହୋଇ ପାରି ନ ଥାନ୍ତେ ।

ଲୋକପ୍ରିୟତା ତାଙ୍କର ଗୋଟିଏ ବିଶିଷ୍ଟ ଭୂଷଣ । କର୍ମକ୍ଷେତ୍ରରେ ଲୋକ କେତେକଙ୍କର ପ୍ରିୟ ବା ଅପ୍ରିୟ ହୋଇଥାଏ । ବିଶେଷତଃ କୁନ୍ତଳାଙ୍କ ପରି ନିର୍ଭୀକା ଲେଖିକା ଓ ସମାଲୋଚିକା ପକ୍ଷରେ ଅପ୍ରିୟତା ସ୍ୱାଭାବିକ; ମାତ୍ର ସେ ସ୍ପଷ୍ଟବାଦିନୀ, ସତ୍ୟ ଓ ନିରପେକ୍ଷ ଥିବାରୁ କେହି ତାଙ୍କୁ ସେ ଦୋଷରେ ଦୁଷ୍ଟ କରି ପାରିବ ନାହିଁ , ବରଂ ସମ୍ମାନ ଦେବ ।

ସରଳତା, କର୍ତ୍ତବ୍ୟନିଷ୍ଠା କୁନ୍ତଳାଙ୍କୁ ଅତୁଳ କୀର୍ତ୍ତିମତୀ କରି ପାରିଛି । ସରଳା କୁନ୍ତଳାଙ୍କ ବସନଭୂଷଣ, ଖାଦ୍ୟପାନୀୟ ଖୁବ୍ ନିରାଡ଼ମ୍ବର ଥିଲା । ସେହି ସରଳତା ଓ କର୍ତ୍ତବ୍ୟନିଷ୍ଠାରେ ଦାସଦାସୀ, ବନ୍ଧୁପରିଜନଙ୍କୁ ସେ ଏପରି ବଶ କରି ପାରିଥିଲେ ଯେ, ସେ ସେମାନଙ୍କଠାରୁ ଦେବୀ ରୂପରେ ଆଜି ମଧ୍ୟ ପୂଜା ପାଉଛନ୍ତି; ଦୁଇ ବର୍ଷ ହେଲା ସେ ସେମାନଙ୍କୁ ଛାଡି ଅମର ପୁରୀକୁ ଚାଲିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କର ଓ ସମଗ୍ର ଦେଶର ଅଶ୍ରୁ-ଅର୍ଘ୍ୟ ପାଉଅଛନ୍ତି ।

# ସ୍ମରଣୀ

ଶ୍ରୀ ଜ୍ଞାନୀନ୍ଦ୍ର ବର୍ମା

ଉତ୍କଳ-ଦେଶ-ଉଜ୍ଜ୍ୱଳା
କୁନ୍ତଳା
ଅୟି ବାଣୀ-ତପୋବନ କନ୍ୟା,
ଉତ୍କଳେ ଆଜ ନ ବହଇ ତବ
ଉଚ୍ଛଳ ଗୀତ ବନ୍ୟା !

ଭାରତ କି ତବ ଭାରତୀ ଲୋଡ଼ିଲେ ପାଶରେ,
କିବା ଉର୍ବଶୀ ସୁର-ବାଟରେ
ମଣିଲୁ କି ତାର ସଙ୍ଗୀତ-ଭାଷା ଉପର
ତେଜି ତେଣୁ ଧୂଳି ଧୂସର
ଚଳିଲ ହେ ବର ସରସୀ !
ସେହି ନନ୍ଦନ ବନ ସୌରଭ କୋଳେ
ଦେବା ପାଇଁ ଗୀତ ବରଷି ?

କୋଟି କଙ୍କାଳମାଳିନୀ ଜନନୀ ତନୟୁଁ
ତେଜି ନାହିଁ ତାର ହୃଦୟୁ
ତେଜି ନାହିଁ ତବ
ଗୀତି-ମଞ୍ଜୁଷା ଆରତି
ଅୟି ଉତ୍କଳ-ଭାରତି !

# କୁନ୍ତଳାକୁମାରୀଙ୍କ ସଂକ୍ଷିପ୍ତ ଜୀବନୀ

ଶ୍ରୀ ବଂଶୀଧର ମହାନ୍ତି

କୁନ୍ତଳାକୁମାରୀ ଏକାଧାରରେ ଥିଲେ ଡାକ୍ତର, କବି ଓ ବିପ୍ଳବିନୀ । ନାରୀ ହୋଇ ଜନ୍ମଭୂମିର ବହୁଦୂରରେ ଦିଲ୍ଲୀନଗରୀରେ ରହି ସେ ଯେଉଁ ଆତ୍ମପ୍ରତିଷ୍ଠା କରି ପାରିଥିଲେ, ତାହା ଏକାବେଳକେ ଅସାଧାରଣ । ଆମ୍ଭ ଦେଶର ପୁରୁଷମାନଙ୍କର ଜୀବନରେ ତାହାର ଉଦାହରଣ ପରିଲକ୍ଷିତ ହୁଏ ନାହିଁ । କିଶୋର ଜୀବନରେ ସେ ଶିକ୍ଷାରେ ଯେପରି ନାମ ଅର୍ଜନ କରିଥିଲେ, ଯୌବନରେ କର୍ମକ୍ଷେତ୍ରରେ ସେହିପରି ଯଶସ୍ୱିନୀ ହୋଇଥିଲେ, ଉଚ୍ଚ କୋଟିର କାବ୍ୟକବିତା ଓ ଉପନ୍ୟାସ ଲେଖି ଉତ୍କଳ-ସାହିତ୍ୟର ପୁଷ୍ଟି ସାଧନ କରିଥିଲେ ; ମାତ୍ର ତାଙ୍କର କାବ୍ୟସୃଷ୍ଟି ଗତାନୁଗତିକତାର ଚିତ୍ର ନ ଥିଲା । ସେଥିରେ ଥିଲା ସମାଜସଂସ୍କାରର ଇଙ୍ଗିତ ଓ ବିପ୍ଳବର ସ୍ଫୁଲିଙ୍ଗ । ସେ କର୍ମକ୍ଷେତ୍ରକୁ ବାହାରି ପଡ଼ିଥିଲେ ବିପ୍ଳବିନୀ ବେଶରେ; କିନ୍ତୁ ତାଙ୍କର ରୀତିନୀତି ଥିଲା ବଡ଼ ସାଧାରଣ—ଖାଉଥିଲେ ମୋଟା, ପିନ୍ଧୁଥିଲେ ଖଦଡ଼ । ସେ ମନସ୍ୱିନୀ ନାରୀ ଆମ୍ଭମାନଙ୍କର ଚିରସ୍ମରଣୀୟା ।

କୁନ୍ତଳାକୁମାରୀ ୧୯୦୦ ଖ୍ରୀଷ୍ଟାବ୍ଦର ଫେବୃୟାରୀ ୮ ତାରିଖରେ ଖ୍ରୀଷ୍ଟିୟାନ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଦଣ୍ଡକାରଣ୍ୟର ବସ୍ତର ଷ୍ଟେଟ ଥିଲା ଜନ୍ମଭୂମି । ତାଙ୍କର ପିତା ଡାକ୍ତର ଦାନିୟୁଲ୍ ସାବତ ଡାକ୍ତର ଥିଲେ ବର୍ମାରେ । ସେଥିପାଇଁ କୁନ୍ତଳାଙ୍କୁ ସେହିଠାରେ ବାଲ୍ୟଜୀବନ କଟାଇବାକୁ ହୋଇଥିଲା । ତାଙ୍କର ମାତା ଶ୍ରୀମତୀ ମଣିକା ସାବତ ତାଙ୍କର ପ୍ରଥମ ଶିକ୍ଷୟିତ୍ରୀ । ସେ ଘରେ ଘରେ ଇଂରାଜୀ ଓ ବଙ୍ଗଳା ଶିକ୍ଷା

କରିଥିଲେ । ବହୁବର୍ଷ ପର୍ଯ୍ୟନ୍ତ ସେ ଓଡ଼ିଆ ଭାଷା ଶିକ୍ଷା କରିବାର ସୁଯୋଗ ପାଇ ପାରି ନ ଥିଲେ । ୧୩ ବର୍ଷ ବୟସରେ ତାଙ୍କୁ କଟକ ଆସିବାକୁ ହେଲା । ସେ ରେଭେନ୍‌ସା ବାଳିକା ବିଦ୍ୟାଳୟରେ ଭର୍ତ୍ତିହେଲେ । ୧୯୧୭ରେ ପ୍ରତିଯୋଗିତା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ମେଡ଼ିକାଲ୍ ସ୍କୁଲରେ ପ୍ରବେଶ ଲଭ କଲେ । ପ୍ରତି କ୍ଲାସରେ ସେ ପ୍ରଥମ ହେଉଥିଲେ । ୧୯୨୧ରେ ସେ କୃତିତ୍ୱର ସହିତ ଏଲ୍. ଏମ୍. ପି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ବହୁତ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପୁରସ୍କାରସ୍ୱରୂପ ଲଭ କରିଥିଲେ । ନିଜର ଅସାଧାରଣ କୃତିତ୍ୱ ଦ୍ୱାରା ସେ ସମଗ୍ର ଉତ୍କଳର ଦୃଷ୍ଟି ଆକର୍ଷଣ କରି ପାରିଥିଲେ ।

କଟକରେ ସେ ରେଡ଼କ୍ରସ ସୋସାଇଟିର ତତ୍ତ୍ୱାବଧାରିକା ଭାବରେ ଚାକିରି କରିବାକୁ ଲଗିଲେ । ସୁରୁଚିରୂପେ କାର୍ଯ୍ୟ ପରିଚାଳନା କଲେ ସୁଦ୍ଧା ମିସେସ ସେନାପତିଙ୍କ ସଙ୍ଗରେ ତାଙ୍କର ମତଭେଦ ହେଲା । ସେ ୧୯୨୭ ରେ ଚାକିରି ଇସ୍ତଫା ଦେଲେ । ସେହି ସାତବର୍ଷ ମଧ୍ୟରେ ସାହିତ୍ୟ ଦିଗରେ ସେ ବହୁତ କାର୍ଯ୍ୟ କରିଥିଲେ । ଅଞ୍ଜଳି ଓ ଅର୍ଚ୍ଚନା ପ୍ରଭୃତି ଗୀତିକାବ୍ୟ ଏବଂ ଭ୍ରାନ୍ତି, କାଳବୋଧ, ପରଶମଣି, ନଅତୁଣ୍ଡୀ ପ୍ରଭୃତି ଉପନ୍ୟାସ ଲେଖି ଉତ୍କଳ-ସାହିତ୍ୟରେ ନିଜର ଆସନ ପ୍ରତିଷ୍ଠା କରିଥିଲେ ।

ତା ପରେ ସେ ଗଲେ ଦିଲ୍ଲୀ । ସେଠାରେ ସେ ସ୍ୱାଧୀନଭାବରେ ଡାକ୍ତରୀ ବ୍ୟବସାୟ ଆରମ୍ଭ କଲେ । ଆର୍ଯ୍ୟ ଧର୍ମ ଗ୍ରହଣ କରି ଶ୍ରୀଯୁକ୍ତ କୃଷ୍ଣପ୍ରସାଦ ବ୍ରହ୍ମଚାରୀଙ୍କୁ ବିବାହ କଲେ । ଆପଣାର ଉଦର ପୋଷଣ ପାଇଁ ଡାକ୍ତରୀ ବ୍ୟବସାୟ ଗ୍ରହଣ କରିଥିଲେ ମଧ୍ୟ ସେ ବାଣୀ-ସେବା ଭୁଲିଯାଇ ନ ଥିଲେ । ସାହିତ୍ୟ-ସେବାକୁ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଗ୍ରହଣ କରିଥିଲେ । ସେହି ସମୟରେ ରଘୁଅରକ୍ଷିତ ନାମକ ଖଣ୍ଡିଏ ବୃହତ ଉପନ୍ୟାସ ଓ ପ୍ରେମଚିନ୍ତାମଣି ନାମରେ ଖଣ୍ଡିଏ ଗୀତି-

କାବ୍ୟ ରଚନା କରିଥିଲେ । ସେଇ ଦୁଇଖଣ୍ଡି ଉତ୍କଳ-ସାହିତ୍ୟରେ ଦୁଇଟି ରତ୍ନ ।

ଦିଲ୍ଲୀରେ ରହି ସେ ହିନ୍ଦି ଭାଷାରେ ମଧ୍ୟ ଦକ୍ଷତା ଅର୍ଜନ କରିଥିଲେ । ହିନ୍ଦି ପତ୍ରପତ୍ରିକାରେ ନିୟମିତରୂପେ କବିତା ଓ ସନ୍ଦର୍ଭ ପ୍ରକାଶ କରିବାକୁ ଲାଗିଲେ । ଚାରିଆଡ଼ୁ ଭୂରି ଭୂରି ପ୍ରଶଂସା ଆସିଲା—ହିନ୍ଦି ସାହିତ୍ୟ ମହଲରେ ତାଙ୍କର ନାମ ବ୍ୟାପିଗଲା । ତାଙ୍କର ହିନ୍ଦି କାବ୍ୟଗ୍ରନ୍ଥ ବରମାଳା ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ସେ ବିପୁଳ ଖ୍ୟାତି ଅର୍ଜନ କଲେ । ଅଧିକନ୍ତୁ ମଧ୍ୟ ସେ ହିନ୍ଦି ସାହିତ୍ୟରେ 'ମହାବୀର', 'ଜୀବନ', 'ନାରୀ' ଓ 'ଭାରତୀ' ପ୍ରଭୃତି ପତ୍ରପତ୍ରିକାର ସମ୍ପାଦିକାସ୍ୱରୂପ କାର୍ଯ୍ୟ କରିଥିଲେ ।

ସମଗ୍ର ଭାରତରେ ତାଙ୍କର ସୁନାମ ଓ ସମ୍ମାନ ବୃଦ୍ଧି ପାଇବାକୁ ଲାଗିଲା । ସେ ୧୯୨୧ରେ ବୃନ୍ଦାବନର ଗୁରୁକୁଳ ଇଉନିଭରସିଟିରେ ଗଭର୍ଣ୍ଣରରୂପେ ବରିତା ହୋଇ ଉପାଧି ବିତରଣ କରିଥିଲେ । ୧୯୩୦ରେ All India Aryan Youth League ର ପ୍ରେସିଡେଣ୍ଟ ହୋଇଥିଲେ । ୧୯୩୧ ରେ ନିଖିଳ ଉତ୍କଳ ନାରୀ ସମିତିରେ ସଭାନେତ୍ରୀଙ୍କ ଆସନ ଗ୍ରହଣ କରିଥିଲେ । ଶ୍ରୀଯୁକ୍ତ ହରବିଲାସ ସାରଦା ତାଙ୍କର ଆକ୍ଟକୁ କାର୍ଯ୍ୟ କରିବାକୁ ଦିଲ୍ଲୀ ଓ ପଞ୍ଜାବରେ ଯେଉଁ କମିଟି ଗଢ଼ିଥିଲେ, କୁନ୍ତଳାକୁମାରୀ ତାର ସଭାନେତ୍ରୀ ଥିଲେ । ଅଲ୍ଲାହାବାଦ ହିନ୍ଦୁ ଇଉନିଭରସିଟିକୁ ନିମନ୍ତ୍ରିତା ହୋଇ ବକ୍ତୃତା ପ୍ରଦାନ କରିଥିଲେ । ୧୯୩୫ରେ ଆଲିଗଡ଼ Students' Federation ର ସଭାପତି ହୋଇଥିଲେ । ସେଇ ବର୍ଷ ଝାନ୍ସିରାଣୀ ଲକ୍ଷ୍ମୀବାଈଙ୍କ ବାର୍ଷିକ ଜୟନ୍ତୀ ଉପଲକ୍ଷରେ କୁନ୍ତଳା ସଭାନେତ୍ରୀ ଭାବରେ ବରିତା ହୋଇଥିଲେ । ଏହିପରି ଶହ ଶହ ସଭାରେ ସେ ବକ୍ତୃତା ଦେଇଥିଲେ—

ସଭାନେତ୍ରୀର ଆସନ ଅଳଙ୍କୃତ କରିଥିଲେ । ଜଣେ ଓଡ଼ିଆ ନାରୀ ପକ୍ଷରେ ଏହା କମ୍ ଗୌରବର କଥା ନୁହେ !

ତାଙ୍କର ବୈବାହିକ ଜୀବନର ଫଳସ୍ୱରୂପ ସେ ପାଇଥିଲେ ପ୍ରଥମେ ଗୋଟିଏ କନ୍ୟା । ତାର ନାମ ଉତ୍କଳକୁମାରୀ । ୧୯୩୭ରେ ଗୋଟିଏ ପୁତ୍ର ; ମାତ୍ର ପୁତ୍ରଟି ବସନ୍ତରେ ମରିଯିବାରୁ ସେ ଏକାନ୍ତ ସନ୍ତପ୍ତା ହୋଇ ଉଠିଲେ । ସେ ସବୁବେଳେ କହୁଥିଲେ, ତାଙ୍କର ସେ ପୁଅଟି ଫେରି ଆସିବ । ପୁଣି ସେ ଅନ୍ତଃସତ୍ତ୍ୱା ହେଲେ । ଗୋଟିଏ ପୁତ୍ରସନ୍ତାନ ପ୍ରସବ କରି ଚିରଦିନ ପାଇଁ ଚକ୍ଷୁ ମୁଦ୍ରିତ କରିଦେଲେ । ପୁତ୍ରର ନାମ "ଜଗମୋହନ" ରଖିବାକୁ ମୃତ୍ୟୁ ପୂର୍ବରୁ କହିଯାଇଥିଲେ । ତାଙ୍କର ଏ ଆକସ୍ମିକ ମୃତ୍ୟୁ କେହି ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲେ । ଦିଲ୍ଲୀରେ ତାଙ୍କ ଶବସଂସ୍କାର ଅତି ସମାରୋହରେ ସମାହିତ ହୋଇଥିଲା । ତହିଁରେ ଦିଲ୍ଲୀର ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ସ୍କୁଲ କଲେଜର ଛାତ୍ର, ଶିକ୍ଷକ, ପ୍ରଫେସର ଓ ସ୍ୱଦେଶସେବକ ପ୍ରଭୃତି ନାନା ଶ୍ରେଣୀର ଲୋକ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ତାଙ୍କର ମୃତ୍ୟୁରେ ଖାଲି ଉତ୍କଳରେ କାହିଁକି, ସମଗ୍ର ଭାରତରେ ଶୋକର କାଳିମା ଛାୟା ବ୍ୟାପିଯାଇଥିଲା ।

ଆଜକୁ ଦୁଇ ବର୍ଷ ହେଲା ସେ ଆମ୍ଭମାନଙ୍କୁ ଛାଡ଼ି ଚାଲି ଯାଇଅଛନ୍ତି । ତାଙ୍କର ମାଟି ଦେହ ମାଟିରେ ମିଶିଯାଇଅଛି; ମାତ୍ର ଅବିନଶ୍ୱର ଆତ୍ମା ଉଜ୍ଜ୍ୱଳ ହୋଇ ଆମ୍ଭମାନଙ୍କ ସମ୍ମୁଖରେ ଜାଜ୍ୱଲ୍ୟମାନ ରହିଅଛି । ତାଙ୍କର କବିତା ଓ କୃତୀ ଚିରଦିନ ଆମ୍ଭମାନଙ୍କର ଶ୍ରଦ୍ଧାଞ୍ଜଳି ଲାଭ କରୁଥିବ ଓ ତା ବନମଧ୍ୟରେ ଆମ୍ଭମାନଙ୍କୁ ପ୍ରେରଣା ଦେଇ ପ୍ରାଣେ ପ୍ରାଣେ ଚୈତନ୍ୟ ଓ ଜାଗୃତି ଆଣୁଥିବ ।

---

Printed by B.K. Kar, B.A. at the Saraswata Press, Cuttack, 1940